ବର୍ଷ-୨୫, ସଂଖ୍ୟା-୫୬
ଭୁବନେଶ୍ୱର
୨୬, ଫେବୃଆରୀ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 56
Bhubaneswar
26 February, 2025, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଆଜି ମହାଶିବରାତ୍ରି

# ବର୍ଷକୁ ଦୁଇ ଥର ସିବିଏସ୍‌ଇ ଦଶମ ପରୀକ୍ଷା



## ଚାପ କମାଇବାକୁ ଶିକ୍ଷା ମନ୍ତ୍ରଣାଳୟର ବଡ଼ ପଦକ୍ଷେପ

## ୨୦୨୬ରୁ ନୂଆ ପଲିସି ଲାଗୁ ହେବ

## ଦୁଇ ଥର ପରୀକ୍ଷା ଦେଲେ ଶ୍ରେଷ୍ଠ ସ୍କୋରକୁ ବିଚାରକୁ ନିଆଯିବ

**ନୂଆଦିଲ୍ଲୀ, ୨୫।୨ (ମହାଭାରତ):** ସିବିଏସ୍‌ଇ ବୋର୍ଡ ଏବେ ବର୍ଷକୁ ଦୁଇଥର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଆୟୋଜନ କରିବ। ଏହି ନିୟମ ୨୦୨୬ରୁ ଲାଗୁ ହେବ ବୋର୍ଡ ମଙ୍ଗଳବାର ଏ ସଂକ୍ରାନ୍ତ ଡ୍ରାଫ୍ଟକୁ ଅନୁମୋଦନ କରିଛି। ଏନେଇ ମଙ୍ଗଳବାର କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ପଦକ୍ଷେପ ନିଆଯାଇଛି। ଏପରିକି ମନ୍ତ୍ରଣାଳୟ ପକ୍ଷରୁ ଏକ ଚିଠା ନୀତି ପ୍ରସ୍ତୁତ କରାଯିବ। ଚିଠା ନୀତି ବାବଦରେ ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକଙ୍କ ମତ ନିଆଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଅବଗତ କରାଯାଇଛି। ମାର୍ଚ୍ଚ ୯ ତାରିଖ ସୁଦ୍ଧା ମତାମତ ସଂଗ୍ରହ କରାଯିବ। ମତାମତ ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି।

ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ପ୍ରଥମ ପର୍ଯ୍ୟାୟ ଫେବ୍ରୁଆରି-ମାର୍ଚ୍ଚରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମେ' ମାସରେ ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ବର୍ଷକୁ ଦୁଇଥର ପରୀକ୍ଷା କରିବାକୁ ସିବିଏସ୍‌ଇ ଘୋଷଣା କରିବାପରେ ଛାତ୍ରଛାତ୍ରୀମାନେ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ପରି ଥରେ କିମ୍ବା ଦୁଇଥର ଦେବାକୁ ଚାହୁଁଛନ୍ତି କି ନାହିଁ ତାହା ଚୟନ କରିବାର ବିକଳ୍ପ ରହିବ। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କହିବା ଅନୁଯାୟୀ, ଛାତ୍ରଛାତ୍ରୀମାନେ କିପରି ପରୀକ୍ଷା ଦେବେ ତାହା ସ୍ଥିର କରିବାର ଅଧିକାର ରହିବ। ଯଦି ଛାତ୍ରଛାତ୍ରୀ ଦୁଇଥର ପରୀକ୍ଷା ଦିଅନ୍ତି, ତେବେ କେବଳ ସେମାନଙ୍କର ଶ୍ରେଷ୍ଠ ସ୍କୋରକୁ ବିଚାରକୁ ନିଆଯିବ।

ସିବିଏସ୍‌ଇର ବରିଷ୍ଠ ଅଧିକାରୀଙ୍କ ଅନୁଯାୟୀ ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ୨୦୨୬-୨୭ ଶିକ୍ଷାବର୍ଷରୁ ଆରମ୍ଭ ହେବ।ଅଧିକାରୀମାନେ କହିଛନ୍ତି ଯେ ଏହି ଡ୍ରାଫ୍ଟ ସାର୍ବଜନୀନ ଡୋମେନରେ ରଖାଯିବ ଏବଂ ସମସ୍ତ ହିତାଧିକାରୀ ମାର୍ଚ୍ଚ ୯ ପର୍ଯ୍ୟନ୍ତ ସେମାନଙ୍କର ମତାମତ ଦେବାକୁ ସକ୍ଷମ ହେବେ, ଯାହା ପରେ ନୀତି ଚୂଡ଼ାନ୍ତ ହେବ। ଡ୍ରାଫ୍ଟ ଅନୁଯାୟୀ, ସିବିଏସ୍‌ଇ କ୍ଲାସ୍ ଦଶମ ବୋର୍ଡ ପରୀକ୍ଷାଗୁଡ଼ିକର ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୭ରୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ, ଦ୍ୱିତୀୟ ପର୍ଯ୍ୟାୟ ମେ ୫ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ସିବିଏସ୍‌ଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, 'ବୋର୍ଡ ପରୀକ୍ଷା ଉଭୟ ପର୍ଯ୍ୟାୟ ପୂର୍ଣ୍ଣ ସିଲାବସ୍ ଆଧାରରେ କରାଯିବ ଏବଂ ପ୍ରାର୍ଥୀଙ୍କୁ ଉଭୟ ସଂସ୍କରଣରେ ସମାନ ପରୀକ୍ଷା କେନ୍ଦ୍ର ବଣ୍ଟନ କରାଯିବ। ଉଭୟ ପରୀକ୍ଷା ପାଇଁ ପରୀକ୍ଷା ଫି ଆବେଦନ ଦାଖଲ ସମୟରେ ସ୍ଥିର ହେବ ଏବଂ ପ୍ରାର୍ଥୀମାନେ ନିଜେ ପଞ୍ଜୀକରଣ ସମୟରେ ଏହାକୁ ଜମା କରିବାକୁ ପଡିବ।

# ରାଜ୍ୟ ଟୀକା ଭଣ୍ଡାର ପାଇଲା ଆଇଏସ୍‌ଓ ସାର୍ଟିଫିକେଟ୍

**ଭୁବନେଶ୍ୱର, ୨୫।୨ (ମହାଭାରତ) :** ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମ ଅଧୀନରେ ଟୀକାର ଗୁଣବତ୍ତାସମ୍ପର୍ଣ୍ଣ ପରିଚାଳନା ପାଇଁ ରାଜ୍ୟ ଟୀକା ଭଣ୍ଡାର ଦେଶର ପ୍ରଥମ ଟୀକା ଭଣ୍ଡାର ଭାବେ ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣପତ୍ର ପାଇଛି। ଟୀକାର ଉପଯୁକ୍ତ ସଂରକ୍ଷଣ, କୋଲ୍ଡ ଚେନ୍ ପରିଚାଳନା, ଯୋଗାଣ ଶୃଙ୍ଖଳ ପରିଚାଳନା, ଅନଲାଇନ୍ ସଫ୍ଟୱେୟାର ଜରିଆରେ କମ୍ପ୍ୟୁଟରୀକୃତ ରେକର୍ଡ, ପ୍ରତ୍ୟହ ଦୁଇଥର ତାପମାତ୍ରା ପରୀକ୍ଷା ଦ୍ୱାରା ଟୀକାର ମାନ ବଜାୟ ରଖିବା ଓ ଶୂନ୍ୟ ଅପଚୟ ପରି ମାନକଗୁଡ଼ିକ ପାଇଁ ରାଜ୍ୟ ଟୀକା ଭଣ୍ଡାରକୁ ଏହି ପ୍ରମାଣପତ୍ର ମିଳିଛି।ସଠିକ କୋଲ୍ଡ ଚେନ୍ ବ୍ୟବସ୍ଥା ଏବଂ ଟୀକାର ଉପଯୁକ୍ତ ପରିବହନ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ହିତାଧିକାରୀଙ୍କ ପାଖରେ ପହଞ୍ଚିବା ପର୍ଯ୍ୟନ୍ତ ଅନୁମୋଦିତ ତାପମାତ୍ରାରେ ଟୀକାକୁ ସୁରକ୍ଷିତ ରଖିବା ପାଇଁ ଓଡ଼ିଶାରେ ରାଜ୍ୟ ଟୀକା ଭଣ୍ଡାର, ୯ଟି ଆଞ୍ଚଳିକ ଏବଂ ୩୨ଟି ଜିଲ୍ଲା ଟୀକା ଭଣ୍ଡାର ସମେତ ୧୨୬୩ଟି କୋଲ୍ଡ ଚେନ୍ କେନ୍ଦ୍ର ରହିଛି।

# ଭୂକମ୍ପରେ ଥରିଲା ଅଧା ଓଡ଼ିଶା

**ଭୁବନେଶ୍ୱର, ୨୫।୨ (ମହାଭାରତ):** ଆଜି ସକାଳୁ ସକାଳୁ ଭାରତ ସମେତ ବାଂଲାଦେଶର ଅନେକ ସ୍ଥାନରେ ଭୂକମ୍ପ ଝଟକା ଅନୁଭୁତ ହୋଇଛି। ଭୂକମ୍ପ ଝଟକାରେ ଅଧା ଓଡ଼ିଶା ଦୋହଲିଯାଇଛି। ଭୂମିକମ୍ପରେ ସେଭଳି କୌଣସି କ୍ଷୟକ୍ଷତି ହୋଇନି। କିନ୍ତୁ ଓଡ଼ିଶା ପାଇଁ ସତର୍କଘଣ୍ଟି ସଦୃଶ ହୋଇଛି। ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ରହିଛି ୫.୧ ମ୍ୟାଗ୍ନେଚ୍ୟୁଟ। ତୀବ୍ରତା କମ୍ ଥିବାରୁ ବଡ ବିପଦ ଟଳିଛି। ଭୂକମ୍ପର କେନ୍ଦ୍ରସ୍ଥଳ ବଙ୍ଗୋପସାଗର ରହିଛି। ପୁରୀଠାରୁ ଭୂକମ୍ପର କେନ୍ଦ୍ରସ୍ଥଳ ୨୮୬ କିଲୋମିଟର, ବ୍ରହ୍ମପୁରରୁ ଦୂରତା ୩୯୪ କିଲୋମିଟର ଓ ସେହିପରି ଭୁବନେଶ୍ୱରରୁ ଦୂରତା ରହିଛି ୨୯୭ କିଲୋମିଟର ରହିଥିଲା।

ଆଜି ସମୟ ସକାଳ ୬ଟା ୧୦ ସମୟ। କିଏ ଶୋଇଥିଲା, କିଏ ମର୍ଣ୍ଣିଂ ୱାର୍କରେ ବାହାରି ଯାଇଥିଲା, ତ ପୁଣି କିଏ ନିଜ କର୍ମକ୍ଷେତ୍ରକୁ ଯିବାକୁ ପ୍ରସ୍ତୁତ ହେଉଥିଲା। କେହି କିଛି ଜାଣିବା ପୂର୍ବରୁ ହଠାତ ଥରି ଉଠିଲା ଅଧା ଓଡ଼ିଶା। ପୁରୀ, ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, ବାରିପଦା ସହରରେ ଭୂମିକମ୍ପ ଝଟକା ଲୋକଙ୍କୁ ଭୟଭୀତ କରିଥିଲା। ଓଡିଶା ସମେତ ପଶ୍ଚିମବଙ୍ଗର ହଳଦିଆ ଓ କୋଲକାତାରେ ବି ଭୂମିକମ୍ପ ଅନୁଭୂତ ହୋଇଥିଲା।

ଓଡ଼ିଶାର ୧୪ଟି ଜିଲ୍ଲାକୁ ରହିଛି ଭୂମିକମ୍ପର ଭୟ। ରାଜ୍ୟର ଅନେକ ଜିଲ୍ଲା ଭୂମିକମ୍ପ ପ୍ରବଣ ଜୋନ ୩ ଅଧୀନରେ ରହିଛି। ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ବାଲେଶ୍ୱର ଓ ମୟୂରଭଞ୍ଜ ସେସମିକ୍ ଜୋନ-୩ରେ ରହିଛି। ଭୂତତ୍ତ୍ୱ ବିଜ୍ଞାନୀଙ୍କ ଅନୁସାରେ ବଙ୍ଗୋପସାଗରରେ ସୃଷ୍ଟି ହେଇଥିବା ଏହି ଭୂମିକମ୍ପର ଗଭୀରତା ଯଦି କମ ଥାନ୍ତା ଓ ଉତ୍ପତ୍ତି ସ୍ଥଳର ଦୂରତା ଉପକୂଳ ଠାରୁ କମ ରହିଥାନ୍ତା। ତାହେଲେ ଓଡ଼ିଶାରେ ବଡ଼ କ୍ଷୟକ୍ଷତି ହେଇଥାନ୍ତା। ହିମାଳୟରେ ଗ୍ଲାସିୟର ତରଳୁଥିବା ବେଳେ ଜଳବାୟୁ ପରିବର୍ତ୍ତନ ଭୂମିକମ୍ପର ବଡ କାରଣ। କିନ୍ତୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଥିବା ଫଲ୍ଟ ଲାଇନ ଓଡ଼ିଶା ପାଇଁ ଭୂମିକମ୍ପର ଭୟ ସୃଷ୍ଟି କରିଛି। ଜୋନ୍ ୩ରେ ଥିବା ଓଡ଼ିଶା ଉପରୁ ବଡ଼ ବିପଦ ଟଳିଛି ସତ। କିନ୍ତୁ ଆଗକୁ ଭୂମିକମ୍ପ ମୁକାବିଲା କରିବା ଓଡ଼ିଶା ପାଇଁ ବଡ଼ ଚ୍ୟାଲେଞ୍ଜ।

ସେହିପରି ଚଳିତ ବର୍ଷ ଜାନୁଆରୀ ୮ ତାରିଖରେ ମଧ କୋଲକାତାରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ଉତ୍ତର ବଙ୍ଗରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା। କିନ୍ତୁ ଏଥିରେ କୌଣସି କ୍ଷୟକ୍ଷତି ନେଇ ସୂଚନା ମିଳିନଥିଲା। ଗତ କିଛି ଦିନ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ଭୂମିକମ୍ପ ଘଟଣା ସାମ୍ନାକୁ ଆସୁଛି।ଯାହା ଯୋଗୁଁ ଲୋକମାନେ ଆତଙ୍କିତ ଅଛନ୍ତି। ନିକଟରେ ରାଜଧାନୀ ଦିଲ୍ଲୀ ସମେତ ଅନେକ ରାଜ୍ୟରେ ଏକକାଳୀନ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ଯାହାର ତୀବ୍ରତା ୫.୫ ରେକର୍ଡ କରାଯାଇଛି।

# କୁଳପତିଙ୍କୁ ଲୁଟିଲେ ସାଇବର ଠକ

**ବ୍ରହ୍ମପୁର, ୨୪।୨ (ମହାଭାରତ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି (ଭିସି) ପ୍ରଫେସର ଗୀତାଞ୍ଜଳି ଦାଶ ସମ୍ପ୍ରତି ସାଇବର ଠକେଇର ଶିକାର ହୋଇଛନ୍ତି। ସେ ସାଇବର ଠକଙ୍କ ଦ୍ୱାରା ୧୪ ଲକ୍ଷ ଟଙ୍କାରୁ ଅଧିକ ହରାଇଛନ୍ତି। ରିପୋର୍ଟ ଅନୁସାରେ, ଜଣେ ଅଜଣା ସାଇବର ଠକ ଗତ ଚାରି ଦିନ ଧରି ନିଜକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଜଣେ ଅଧିକାରୀ ବୋଲି ପରିଚୟ ଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ଯୋଗାଯୋଗ କରୁଥିଲେ। କଥାବାର୍ତ୍ତା ସମୟରେ, ସାଇବର ଠକ ତାଙ୍କୁ ଜଣାଇଲେ ଯେ, ତାଙ୍କର ସୁପ୍ରିମକୋର୍ଟରେ ବିଚାରାଧୀନ ଏକ ମାମଲା ସହିତ କିଛି ସମ୍ପର୍କ ଅଛି।



ତାଙ୍କୁ ପ୍ରକୃତ ଇଡି ଅଧିକାରୀ ଭାବି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ତାଙ୍କ ସହିତ କିଛି ସୂଚନା ସେୟାର କରିଥିଲେ। ଅଭିଯୁକ୍ତ ସେହି ସୂଚନା ବ୍ୟବହାର କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ଟଙ୍କା ଦାବି କରିଥିଲେ। ଅନ୍ୟ କୌଣସି ବିକଳ୍ପ ନ ପାଇ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ସାଇବର ଠକଙ୍କ ଆକାଉଣ୍ଟରେ ୧୪ ଲକ୍ଷ ଟଙ୍କାର ଏକ ଚେକ୍ ଦାଖଲ କରିଥିଲେ। କିନ୍ତୁ, ପରେ ସେ ଜାଣିପାରିଲେ ଯେ, ସେ ସାଇବର ଠକଙ୍କ ଡିଜିଟାଲ ଆରେଷ୍ଟ ଠକେଇର ଶିକାର ହୋଇଛନ୍ତି। ଏନେଇ ସେ ବ୍ରହ୍ମପୁର ସାଇବର ଥାନାରେ ଏକ ମାମଲା ଦାଏର କରିଥିଲେ। ଡିଜିଟାଲ ଗିରଫ ମାମଲାର ତଦନ୍ତ ଆରମ୍ଭ ହୋଇଛି ବୋଲି ବ୍ରହ୍ମପୁର ଏସପି ସରଭାନା ବିବେକ ଏମ ସୂଚନା ଦେଇଛନ୍ତି।

# ଦିଲ୍ଲୀ ଅବକାରୀ ନୀତି ଯୋଗୁଁ ୨୦୦୦ କୋଟି କ୍ଷତି : ସିଏଜି

**ନୂଆଦିଲ୍ଲୀ, ୨୫।୨ (ମହାଭାରତ:** ଦିଲ୍ଲୀ ବିଧାନସଭା ସ୍ୱତନ୍ତ୍ର ଅଧିବେଶନରେ ଆଗତ ହୋଛି ସିଏଜି ରିପୋର୍ଟ। ସିଏଜି ରିପୋର୍ଟରେ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ ପାଇଛି। ରିପୋର୍ଟରେ କୁହାଯାଇଛି ଯେ ତତକାଳୀନ କେଜ୍ରିୱାଲ ସରକାର ଆଣିଥିବା ଅବକାରୀ ନୀତି ଯୋଗୁଁ ଦିଲ୍ଲୀ ସରକାରଙ୍କ ପ୍ରାୟ ୨ ହଜାର କୋଟି ଟଙ୍କା କ୍ଷତି ହୋଇଥିଲା। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଆଜି ଏହାକୁ ଗୃହରେ ଉପସ୍ଥାପିତ କରିଛନ୍ତି। ଦିଲ୍ଲୀ ଅବକାରୀ ନୀତିକୁ ନେଇ ଏହି ଅଡିଟ୍ ରିପୋର୍ଟ ୨୦୧୭-୨୦୧୮ରୁ ୨୦୨୦-୨୦୨୧ ପର୍ଯ୍ୟନ୍ତ ଚାରୋଟି ଅବଧିରେ ରହିଛି। ମଦ ନୀତି ପରିବର୍ତ୍ତନ ଯୋଗୁ ୨୦୦୨ କୋଟି ଟଙ୍କାର ରାଜସ୍ୱ ହାନି ହୋଇଥିବା ତଥ୍ୟରେ କୁହାଯାଇଛି।



ସିଏଜି ରିପୋର୍ଟରେ ୨୦୧୭-୨୦୧୮ରୁ ୨୦୨୦-୨୦୨୧ ମଧ୍ୟରେ ଅବକାରୀ ରେଗୁଲେଶନ ଏବଂ ସପ୍ଲାଏ ଯାଞ୍ଚ କରାଯାଇଥିଲା। ଏହା ସହିତ ୨୦୨୧-୨୨ ଆର୍ଥିକ ବର୍ଷରେ ଅବକାରୀ ନୀତିକୁ ସମୀକ୍ଷା କରାଯାଇଥିଲା। ହେଲେ ଏଥିରେ ଦୁର୍ନୀତିର ଗନ୍ଧ ସାମ୍ନାକୁ ଆସିବା ପରେ ପଲିସିକୁ ୨୦୨୨ ସେପ୍ଟେମ୍ବର ମାସରେ ସରକାର ଫେରାଇ ନେଇଥିଲେ। ତେବେ ସିଏଜି ରିପୋର୍ଟରେ କୁହାଯାଉଛି ଆମ୍ ଆଦମୀ ପାର୍ଟି ନୂଆ ଅବକାରୀ ନୀତି ଲାଗୁ କରିବା ପରେ ଏଥିରେ ଗମ୍ଭୀର ଅନିୟମିତତା ହୋଇଥିଲା। ଯାହାଫଳରେ ଦୁଇ ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ଘଟିଛି।

ଆପ୍ ସରକାରଙ୍କ ନୂଆ ଅବକାରୀ ନୀତି ପାଇଁ ୨ ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି। ଭୁଲ୍ ନିଷ୍ପତ୍ତି ଯୋଗୁ ଦିଲ୍ଲୀ ସରକାରଙ୍କ ବିପୁଳ ପରିମାଣରେ ରାଜସ୍ୱ ହରାଇଛନ୍ତି। ମଦ ଦୋକାନ କିମ୍ବା ଫ୍ୟାକ୍ଟ୍ରି ପାଇଁ ଲାଇସେନ୍ସ ଛାଡ଼ କରିବା ଦ୍ୱାରା ପ୍ରାୟ ୯୪୦ କୋଟି କ୍ଷତି ହୋଇଛି। ପୁନର୍ବାର ଟେଣ୍ଡର ପ୍ରକ୍ରିୟା ପାଇଁ ସରକାରଙ୍କୁ ୮୯୦ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି ଏବଂ ଅନ୍ୟ କେତେକ ରିହାତି ଯୋଗୁଁ ୧୪୪ କୋଟି ଟଙ୍କାର ଅଭାବ ଥିବା ଦର୍ଶାଯାଇଛି। କୋଭିଡ୍-୧୯ ପ୍ରତିବନ୍ଧକ ପାଇଁ ୨୮ ଡିସେମ୍ବର ୨୦୨୧ରୁ ୨୭ ଜାନୁଆରୀ ୨୦୨୨ ପର୍ଯ୍ୟନ୍ତ ଅବକାରୀ କରବାରରେ ଲାଇସେନ୍ସ ଶୁଳ୍କ ବାବଦରେ ୧୪ କୋଟି ଟଙ୍କା କ୍ଷତି ହୋଇଛି। ସିକ୍ୟୁରିଟି ଡିପୋଜିଟ୍ ଠିକ୍ ଭାବେ ଆଦାୟ ନହେବାରୁ ୨୭ କୋଟି ଟଙ୍କା କ୍ଷତି ହୋଇଛି ସିଏଜକି ରିପୋର୍ଟରେ କୁହାଯାଇଛି।

ଏହି ଦୁର୍ନୀତି ଯୋଗୁଁ ହିଁ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଏହି ଅବକାରୀ ନୀତିକାର୍ଯ୍ୟକାରୀ କରିବାରେ ହୋଇଥିବା ଦୁର୍ନୀତିକୁ ନେଇ ତିହାର ଜେଲରେ ମାସ ମାସ ବିତାଇଛନ୍ତି।

# ୨୮ରେ ଓଡ଼ିଶା ଆସିବେ ନଡ୍ଡା

**ଭୁବନେଶ୍ୱର, ୨୫।୨ (ମହାଭାରତ):** ୨୮ରେ ଓଡ଼ିଶା ଗସ୍ତରେ ଆସିବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା। ଏହି ସମୟରେ ପୁରୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମରେ ସେ ଯୋଗ ଦେବେ। ଏଥିରେ ବିଭିନ୍ନ ରାଜ୍ୟର ସ୍ୱାସ୍ଥ୍ୟ ସଚିବଙ୍କୁ ନେଇ କାର୍ଯ୍ୟକ୍ରମ ହେବ। ଅନ୍ୟପଟେ ଭାଜପା ରାଜ୍ୟ ସଭାପତି କିଏ ହେବେ ସେନେଇ ଚୟନ ହୋଇନାହିଁ। ଏବେ ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର। ସେ କହିଛନ୍ତି, ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ଭାଜପା ରାଜ୍ୟ ସଭାପତି ନାଁ ହେବ ଘୋଷଣା କରାଯିବ। ରାଜ୍ୟ ଭାଜପା ସଭାପତି କିଏ ହେବେ, ଏପର୍ଯ୍ୟନ୍ତ ଦିଲ୍ଲୀରୁ କୌଣସି ନିର୍ଦ୍ଦେଶ ଆସିନାହିଁ। ଏନେଇ ଶୀଘ୍ର ନିଷ୍ପତ୍ତି ନେବେ ଭାଜପା ଜାତୀୟ ନେତୃତ୍ୱ।

# ଏସ୍‌ଆଇ ପଦବୀ ପାଇଁ ପରୀକ୍ଷା ତାରିଖ ପ୍ରକାଶ

ଭୁବନେଶ୍ୱର, ୨୫।୨ (ମହାଭାରତ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏସଆଇ ଏବଂ ଅନ୍ୟାନ୍ୟ ସମକକ୍ଷ ପଦବୀ ପାଇଁ ପରୀକ୍ଷା ତାରିଖ ପ୍ରକାଶ କରାଯାଇଛି। ଏସ୍ଆଇ ପଦବୀ ପାଇଁ ଓଏମ୍ଆର୍ ଆଧାରିତ ନିଯୁକ୍ତି ପରୀକ୍ଷା ମାର୍ଚ୍ଚ ୮ ଏବଂ ଅନ୍ୟାନ୍ୟ ପଦବୀ ପାଇଁ ୯ ମାର୍ଚ୍ଚ ୨୦୨୫ରେ ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନଙ୍କୁ ମାର୍ଚ୍ଚ ୧ ତାରିଖରୁ ଓଡ଼ିଶା ପୁଲିସ ୱେବସାଇଟରୁ ପରୀକ୍ଷା କେନ୍ଦ୍ର ଏବଂ ପରୀକ୍ଷା ସୂଚୀ ବିଷୟରେ ସବିଶେଷ ଜାଣିବା ପାଇଁ ଆଡମିଟ୍ କାର୍ଡ ଡାଉନଲୋଡ୍ କରିବାକୁ ପରାମର୍ଶ ଦିଆଯାଇଛି।

# ମୋ ବସ ଧକ୍କାରେ ଦୁଇ ଯୁବକ ଗୁରୁତ : ଡ୍ରାଇଭର ଓ ଗାଇଡ୍ ବିଦା

**ଭୁବନେଶ୍ୱର, ୨୫।୨ (ମହାଭାରତ) :** ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ରେଳ ଷ୍ଟେସନ ନିକଟ ବସ୍‌ଷ୍ଟାଣ୍ଡରେ ଠିଆ ହୋଇଥିବା ବେଳେ ଦୁଇ ଜଣ ଯୁବକଙ୍କୁ ମୋ ବସ ଧକ୍କା ଦେବା ଘଟଣାରେ ଡ୍ରାଇଭର ଓ ଗାଇଡଙ୍କୁ ବାହାର କରିଦିଆଯାଇଛି।ଆହତ ଦୁଇ ଯୁବକଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଯୁବକମାନେ ହେଉଛନ୍ତି ପୁରୀର ରଞ୍ଜିତ ବେହେରା ଏବଂ ହୃଦାନନ୍ଦ। ତେବେ ଜଣଙ୍କର ଗୋଡ଼ରେ ପ୍ରବଳ ଆଘାତ ଲାଗିଥିବା ବେଳେ ଅନ୍ୟ ଜଣଙ୍କର କାନ୍ଧରେ ଆଘାତ ଲାଗିଥିଲା।ଅପରପକ୍ଷରେ ମୋ ବସ୍ ପରିଚାଳନା କରୁଥିବା କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ) ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଉଭୟ ଡ୍ରାଇଭର ଓ ଗାଇଡଙ୍କୁ ତୁରନ୍ତ ବହିଷ୍କାର କରାଯାଇଛି।

# ଆୟକର ଫାଇଲ କରିଥିଲେ ବି କଟିବନି ରାସନ କାର୍ଡ

ଭୁବନେଶ୍ୱର, ୨୪।୨ (ମହାଭାରତ): ରାସନ କାର୍ଡ କଟାଯିବା ପ୍ରସଙ୍ଗରେ ଆଜି ବଡ଼ ବୟାନ ଦେଇଛନ୍ତି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି, ଆୟକର ଫାଇଲ କରିଥିଲେ ବି କଟିବନି ରାସନ କାର୍ଡ ଫିଜିକାଲ ଭେରିଫିକେସନ କରିବେ ରାଜ୍ୟ ସରକାର ଏନେଇ ଲିଷ୍ଟ ସହ ଡୋର ଟୁ ଡୋର ବୁଲି ଭେରିଫିକେସନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଫିଜିକାଲ ଭେରିଫିକେସନ ପରେ ନିଷ୍ପତ୍ତି ନିଆଯିବ, ରାସନ କାର୍ଡ କଟିବ କି ନାହିଁ।



ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରୟ ଆହୁରି କହିଛନ୍ତି, ଇନକମ ଟାକ୍ସ ପାଇଁ ଯଦି ରାସନ କାର୍ଡ କଟିଥାଏ, ତେବେ ଆଦୌ ବ୍ୟସ୍ତ ହୁଅନ୍ତୁନି ଯଦି କଟିଛି, ବିଭାଗକୁ ଜଣାନ୍ତୁ ତଦନ୍ତ କରି ସେମାନଙ୍କୁ ସାମିଲ କରାଯିବ ଗ୍ରାମାଞ୍ଚଳରେ ମାସିକ ୧୦ ହଜାର ଏବଂ ସହରାଞ୍ଚଳରେ ୧୫ ହଜାର ଟଙ୍କା ଆୟ ଥିଲେ କାର୍ଡ କଟିବାକୁ ନିର୍ଦ୍ଦେଶ ଆସିଛି ଆମେ ଦେଖୁଛୁ ଯେଉଁମାନେ ପ୍ରକୃତରେ ଗରିବ ସେମାନଙ୍କର କାର୍ଡ ରହୁ ସେଥିପାଇଁ ଫିଜିକାଲ ଭେରିଫିକେସନ ହେବ।

ଅଭିଯୋଗ ଆସୁଛି, ଯେଉଁମାନେ ଆୟକର ଫାଇଲ କରୁଛନ୍ତି କାର୍ଡ କଟି ଯାଉଛି କିନ୍ତୁ କାହାର କାର୍ଡ କାଟିବନି ଅଧିକାରୀମାନଙ୍କ ପାଖକୁ ତାଲିକା ଯାଇଛି, ସେମାନେ ଡୋର ଟୁ ଡୋର ବୁଲି ଦେଖିବେ କାହାର ଆୟ କେତେ ତାପରେ କାର୍ଡ କଟିବ ଆଜି ବି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି କାହାର କାର୍ଡ କାଟନ୍ତୁ ନାହିଁ କି ଚାଉଳ ବନ୍ଦ କରନ୍ତୁ ନାହିଁ ପ୍ରକୃତରେ ଯିଏ ଗରିବ ଥିବେ ତାଙ୍କର କାର୍ଡ ରହିବ ଧନୀ ଲୋକ ହାତେଇ ଥିଲେ କଟିବ।

# ଐତିହାସିକ ଭୀମମଣ୍ଡଳୀ ସ୍ଥାନ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ନାକଟିଦେଉଳ, ୨୫।୨ (ନି.ପ୍ର.): ଜାତୀୟ ସ୍ତରରେ ଭୀମମଣ୍ଡଳୀର ପୁରାତନ ଐତିହ୍ୟ ଗାଥାକୁ ଲୋକଲୋଚନକୁ ଅଣାଯିବ। ଏ ସମ୍ପର୍କରେ ଜାତୀୟ ସ୍ତରର କର୍ମଶାଳା ଆୟୋଜନ କରାଯିବା ସହ ଉଚ୍ଚସ୍ତରୀୟ ଗବେଷଣା କରାଯିବ ବୋଲି ଆଜି ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ଚମ୍ପାଲୀ ନଦୀ ନିକଟରେ ଐତିହାସିକ ଭୀମମଣ୍ଡଳୀ ସ୍ଥାନ ପରିଦର୍ଶନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସ୍ଥାନୀୟ ଅଧିବାସୀ ଓ ଦଳର କାର୍ଯ୍ୟକର୍ତ୍ତାଙ୍କ ସହ ପାହାଡିଆ। ଏବଂ ପଥୁରିଆ। ଜଙ୍ଗଲ ରାସ୍ତାରେ ଚାଲି ଚାଲି ଭୀମମଣ୍ଡଳୀରେ ଥିବା ପ୍ରସ୍ତର ଯୁଗର ଗୁମ୍ଫା ଓ ଶିଳାଲେଖ ଦେଖିଥିଲେ ଯ ସ୍ଥାନୀୟ ଅଧିବାସୀଙ୍କ ସହ ମିଶିବା ସହ କଥା ହୋଇଥିଲେ। ସେହି ଅଞ୍ଚଳରେ ଥିବା ପୀଠ ଓ ମନ୍ଦିର ଦର୍ଶନ କରିବା ସହ ସାଧାରଣ ସଭାକୁ ମଧ୍ୟ ସମ୍ବୋଧିତ କରିଥିଲେ ।ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ)ର ଅଧିକାରୀଙ୍କ ସହ ଏହି ଐତିହାସିକ ସ୍ଥାନର ଉତ୍ପତ୍ତି, ଐତିହ୍ୟ, ଇତିହାସ ଓ ମାନବ ସଭ୍ୟତାର ପ୍ରାମାଣିକ ତଥ୍ୟ ଉପରେ ଆଲୋଚନା କରିଥିଲେ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଭୀମମଣ୍ଡଳୀରେ ୧୦୦ ରୁ ଅଧିକ ଗୁମ୍ଫା ରହିଛି, ଯେଉଁଥିରେ ମାନବ ସଭ୍ୟତାର ପ୍ରମାଣ ମିଳିଛି। ଏଠାରେ ପାଖାପାଖି ୩୦,୦୦୦ ବର୍ଷ ପୂର୍ବରୁ ମାନବସଭ୍ୟତା ଗଢି ଉଠିଥିଲା ବୋଲି ବିଭିନ୍ନ ପ୍ରାମାଣିକ ତଥ୍ୟରୁ ଐତିହାସିକକାରମାନେ ମତ ଦେଇଛନ୍ତି, ଯାହା ସମଗ୍ର ବିଶ୍ୱରେ ବିରଳ।ଭୀମମଣ୍ଡଳୀରେ ବହୁତ ପ୍ରାଚୀନ ପାହାଡ଼, ଗୁମ୍ଫାମାନ ସବୁ ଅଛି।ଏହାର ପ୍ରତ୍ନତାତ୍ତ୍ୱିକ ବୟସ ପ୍ରାୟ ପ୍ରସ୍ତର ଯୁଗ ସମୟର ବୋଲି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ତଥ୍ୟରୁ ଜଣାପଡିଛି। ପାହାଡ଼ ଗୁମ୍ଫାରେ ବିଭିନ୍ନ ପ୍ରାଚୀନ ଶିଳାଲେଖ ସହ ହରିଣ, ହାତୀ ଏବଂ ବିଭିନ୍ନ ସାଙ୍କେତିକ ଭାଷାର ଚିତ୍ର ଅଙ୍କାଯାଇଛି। ଭିନ୍ନ ଭିନ୍ନ ରଙ୍ଗରେ ପୁରାତନ ସମୟର ଅନେକ ଉପକରଣ ଏଠାରେ ଖୋଦିତ ହୋଇଛି, ଯାହା ଆମ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ଏହି ସ୍ଥାନ ପ୍ରମାଣିତ କରୁଛି ଯେ, ଆମ ସଭ୍ୟତା ବହୁତ ଗଭୀର ଓ ପୁରାତନ। ରେଢ଼ାଖୋଲ ମାଟିରୁ ମହିମା ଧର୍ମର ମହାନ ପ୍ରଚାରକ ସନ୍ଥ କବି ଭୀମ ଭୋଇ ବିଶ୍ୱକୁ ଜଗତ କଲ୍ୟାଣର ବାର୍ତ୍ତା ଦେଇଥିଲେ । ଏ ସବୁ ପ୍ରମାଣିତ କରୁଛି, ଯେ ଏହା ଏକ ସଭ୍ୟତାର ଉତ୍ପତ୍ତି ସ୍ଥଳୀ।

ରାଜ୍ୟ ସରକାର ନିକଟରେ ଭୀମମଣ୍ଡଳୀ ଓ ଦେବଝରନକୁ ସରକାରୀ ପର୍ଯ୍ୟଟନ ତାଲିକାରେ ସାମିଲ କରିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ସମ୍ବଲପୁର ଜିଲ୍ଲାରେ ମାଆ। ସମଲେଶ୍ୱରୀଙ୍କ ମନ୍ଦିର, ସନ୍ଥ କବି ଭୀମ ଭୋଇଙ୍କ ପୀଠ ଶୂନ୍ୟବ୍ରହ୍ମ, ହୀରାକୁଦ ଡ୍ୟାମ, ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ସ୍ଥାନ ଖିଣ୍ଡା, ଉଷା କୋଠି ଭଳି ପର୍ଯ୍ୟଟନସ୍ଥଳୀ ଅଛି ଯ ଆଗାମୀ ଦିନରେ ଏହି ସ୍ଥାନକୁ ବୈଶ୍ୱିକ ପରିଚୟ ଦେବା ପାଇଁ ପ୍ରୟାସ କରାଯିବ। ଭାରତ ସରକାରଙ୍କ ଆଇସିଏଚଆର ସମେତ ବିଭିନ୍ନ ମାଧ୍ୟମରେ ଉଚ୍ଚସ୍ତରୀୟ ଗବେଷଣା କରାଯିବ।ସମ୍ବଲପୁର ଗଙ୍ଗାଧର ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ଉଚ୍ଚସ୍ତରୀୟ କର୍ମଶାଳା କରି ଏହି ସ୍ଥାନର ଅଧିକ ପ୍ରଚାର ପ୍ରସାର କରାଯିବ । ଦେବ୍ରୀଗଡ଼, ଭୀମମଣ୍ଡଳୀ ଏବଂ ହୀରାକୁଦକୁ ନେଇ ସମନ୍ୱିତ ପର୍ଯ୍ୟଟନସ୍ଥଳୀର ବିକାଶ କରାଯିବ। ଦେବ୍ରିଗଡ, ଭୀମ ମଣ୍ଡଳୀ ଓ ହୀରାକୁଦକୁ ନେଇ ଏକ ପର୍ଯ୍ୟଟନ କ୍ଲଷ୍ଟର କରିବା ପାଇଁ ଜିଲ୍ଲା ପ୍ରଶାସନ ସହ ଶ୍ରୀ ପ୍ରଧାନ ଆଲୋଚନା କରିଛନ୍ତି। ଏହା ଦ୍ୱାରା ଐତିହ୍ୟସମ୍ପନ୍ନ ଅଞ୍ଚଳର ପ୍ରସିଦ୍ଧି ବଢିବା ସହ ଅଞ୍ଚଳରେ ବ୍ୟାପକ ରୋଜଗାର ସୃଷ୍ଟି ହେବ। ଜାତୀୟ ସ୍ତରରେ ଦେବ୍ରିଗଡ ଓ ଭୀମମଣ୍ଡଳୀ ସ୍ଥାନର ପ୍ରଚାର ପ୍ରସାର ପାଇଁ ପ୍ରୟାସ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ ଆହୁରି କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଆକାଂକ୍ଷା ବ୍ଲକ ଅଧୀନରେ ପରିବର୍ତ୍ତନ ହୋଇଥିବା ୫୦୦ ବ୍ଲକ ମଧ୍ୟରୁ ନାକଟିଦେଉଳ ବ୍ଲକ ଅନ୍ୟତମ । ଏଠାରେ ମୌଳିକ ବିକାଶ ସହ ଜନସାଧାରଣଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ଆମ ସରକାର ବଦ୍ଧ ପରିକର।

# ଲିଙ୍ଗରାଜ ମନ୍ଦିରରେ ମୁତୟନ ରହିବେ ୪୦ ପ୍ଲାଟୁନ୍ ପୋଲିସ

ଭୁବନେଶ୍ୱର, ୨୫।୨ (ମହାଭାରତ): ଆସନ୍ତାକାଲି ମହାଶିବରାତ୍ରି ପାଳନ ପାଇଁ ଭୁବନେଶ୍ୱରର ଐତିହାସିକ ୧୧ ଶତାବ୍ଦୀର ଲିଙ୍ଗରାଜ ମନ୍ଦିରରେ ୪୦ ପ୍ଲାଟୁନ ପୁଲିସ ମୁତୟନ କରାଯିବେ।

ମଙ୍ଗଳବାର ଦିନ ଭୁବନେଶ୍ୱରର ଡେପୁଟି ପୁଲିସ କମିସନର (ଡିସିପି) ପିନାକ ମିଶ୍ର ଏସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ଡିସିପି କହିଛନ୍ତି ମହାଶିବରାତ୍ରି ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।ଆସନ୍ତାକାଲି ବୁଧବାର ଲକ୍ଷାଧିକ ଶ୍ରଦ୍ଧାଳୁ ଲିଙ୍ଗରାଜ ମନ୍ଦିରକୁ ପୂଜା କରିବା ପାଇଁ ଆସିବେ ବୋଲି ଆଶା କରାଯାଉଛି। ଟ୍ରାଫିକ୍ ପରିଚାଳନା, ଏବଂ ସୁରକ୍ଷା ପାଇଁ ଆମେ ପୂର୍ବରୁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରିସାରିଛୁ। ଅଗ୍ନିଶମ ବାହିନୀ ସମେତ ଜରୁରୀକାଳୀନ ସେବାର ମଧ୍ୟ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।ସେ ଉଲ୍ଲେଖ କରିଛନ୍ତି ଯେ, ବୁଧବାର ଲିଙ୍ଗରାଜ ମନ୍ଦିରରେ ୪୦ ପ୍ଲାଟୁନ୍ ପୁଲିସ ବାହିନୀ ଏବଂ ବିଭିନ୍ନ ପଦର ୧୦୦ରୁ ଅଧିକ ପୁଲିସ ଅଧିକାରୀ ଉପସ୍ଥିତ ରହିବେ।ସେ କହିଛନ୍ତି, ପୁଲିସଙ୍କ କାର୍ଯ୍ୟ ବୁଧବାର ସକାଳୁ ଆରମ୍ଭ ହେବ ଏବଂ ଦିନସାରା ଜାରି ରହିବ। ଆମେ ଜନସାଧାରଣଙ୍କୁ ପୁଲିସ ସହିତ ସହଯୋଗ କରିବାକୁ ଅନୁରୋଧ କରୁଛୁ। ଆମର ଲକ୍ଷ୍ୟ ହେଉଛି ଏହି ବିଶ୍ୱ ପ୍ରସିଦ୍ଧ ମହାଶିବରାତ୍ରି ଉତ୍ସବ ଯେପରି ସୁରକ୍ଷିତ ଭାବରେ ସମ୍ପନ୍ନ ହେବ ତାହା ନିଶ୍ଚିତ କରିବା।



## କଖାରୁ ପତ୍ର ଚିଙ୍ଗୁଡ଼ି ପିଠଉ



ଆବଶ୍ୟକ ସାମଗ୍ରୀ : ଚିଙ୍ଗୁଡ଼ି ଭଜା, କଖାରୁ ପତ୍ର, କଟା ପିଆଜ, ରସୁଣ, କଞ୍ଚାଲଙ୍କା, ଲୁଣ, ତେଲ ଏବଂ ଚାଉଳରେ ଜିରା, ହଳଦୀ, ଧନିଆ।, ଲୁଣ ଓ ଲଙ୍କାଗୁଣ୍ଡା ମିଶା ପିଠଉ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିଙ୍ଗୁଡ଼ି ମାଛରେ ଲୁଣ ଓ ହଳଦୀ ମିଶାଇ ଭାଜି ଦିଅନ୍ତୁ। ଚାଉଳକୁ ବାଟି ସେଥିରେ ଲୁଣ, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ ମିଶାଇ ପିଠଉ ପ୍ରସ୍ତୁତ କରି ରଖନ୍ତୁ। ଏହାପରେ ଭଜା ଚିଙ୍ଗୁଡ଼ି ମାଛରେ ରସୁଣ, କଟା ପିଆଜ ଓ କଞ୍ଚାଲଙ୍କା ପକାଇ ଭଲ ଭବାରେ ଛେଚି ଦିଅନ୍ତୁ। କଖାରୁ ପତ୍ରରେ ଚିଙ୍ଗୁଡ଼ି ଛେଚା ରଖି ତାକୁ ଭଲ ଭାବରେ ଗୁଡ଼ାଇ କାଠି ଦ୍ୱାରା ଗୁନ୍ଥି ରଖନ୍ତୁ। ଗ୍ୟାସ୍ ଲଗାଇ ତାୱାରେ ତେଲ ଗରମ କରନ୍ତୁ। ଏହାପରେ ଚିଙ୍ଗୁଡ଼ି ପୁରଦିଆ କଖାରୁ ପତ୍ରକୁ ଚାଉଳ ପିଠଉରେ ବୁଡ଼ାଇ ସେକନ୍ତୁ।ଏବେ ପ୍ରସ୍ତୁତ ହୋଇଗଲା କଖାରୁ ପତ୍ର ଚିଙ୍ଗୁଡ଼ି ପିଠଉ।



..... ପରଦା ଖବର ......

# ଜନ୍ମଦିନରେ ଅସଲି ହୀରା ଖଚିତ ଡ୍ରେସ୍ ପିନ୍ଧିଲେ ଉର୍ବଶୀ ରାଉତେଲା



ଅଭିନେତ୍ରୀ ଉର୍ବଶୀ ରାଉତେଲା ଅନେକ ସମୟରେ ନିଜର ବୟାନ ପାଇଁ ବିବାଦରେ ରହିଥାନ୍ତି। କିଛି ଦିନ ତଳେ ସୁପରଷ୍ଟାର ନନ୍ଦମୁରୀ ବାଲକ୍ରିଷ୍ଣା ଓ ଅଭିନେତ୍ରୀ ଉର୍ବଶୀ ରାଉତେଲା ଫିଲ୍ମ 'ଡାକୁ ମହାରାଜ'ରେ ଏକାଠି ନଜର ଆସିଥିଲେ। ଏହି ଫିଲ୍ମର ଏକ ଗୀତ 'ଦାବିଡି ଦିବିଡ଼ି' ରିଲିଜ୍ ହେବା ପରେ ଏହାର କୋରିଓଗ୍ରାଫି କାହାକୁ ପସନ୍ଦ ଆସିନଥିଲା। ଉର୍ବଶୀଙ୍କ ସହିତ ନନ୍ଦମୁରୀଙ୍କର ଯେଉଁ ସବୁ ଡ୍ୟାନ୍ସ ଷ୍ଟେପ ରହିଥିଲା ତାହା ଲୋକଙ୍କୁ ପସନ୍ଦ ଆସିନଥିଲା। ଭିଡିଓ ସାମ୍ନାକୁ ଆସିବା ପରେ ଏତେ ବୟସ୍କ ହୋଇ ନନ୍ଦମୁରୀ କିଭଳି ନିଜ ଝିଅ ବୟସର ଅଭିନେତ୍ରୀଙ୍କ ସହ ଏଭଳି ନାଚିପାରୁଛନ୍ତି ବୋଲି ଲୋକେ ପ୍ରଶ୍ନ କରିଥିଲେ। ଏହା ସହ କିଛି ଲୋକ ଏହାକୁ ଅଶ୍ଳୀଳ ବୋଲି ମଧ୍ୟ କହିଥିଲେ।ଏହି ଚର୍ଚ୍ଚା ଥମିବା ପରେ ଏବେ ଉର୍ବଶୀଙ୍କ ପୋଷାକକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ନିଜ ଜନ୍ମଦିନରେ ସେ ଅସଲି ହୀରା ଖଚିତ ପୋଷାକ ପିନ୍ଧିଥିଲେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ସେ ଇନଷ୍ଟାଗ୍ରାମରେ ଏକ ଭିଡିଓ ସେୟାର କରିଛନ୍ତି। ଏଥିରେ ସେ ସୋସିଆଲ ମିଡିଆ ଇନଫ୍ଲୁଏନସର ଓରିଙ୍କ ସହ ତାଙ୍କର ୩୧ତମ ଜନ୍ମଦିନ ପାଳନ କରୁଥିବାର ଦେଖାଯାଇଛି। ଭିଡିଓରେ ସେ ଗୀତ 'ଦାବିଡି ଦିବିଡ଼ି'ରେ ନାଚୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ପୋଷ୍ଟ କରି ସେ ପିନ୍ଧିଥିବା ପୋଷାକରେ ଅସଲି ହୀରା ଲାଗିଥିବା ଲେଖିଛନ୍ତି।

## ଶିବଙ୍କ ପ୍ରସିଦ୍ଧ ଶିଷ୍ୟ

ଭଗବାନ ଶିବଙ୍କୁ ଆଦି ଗୁରୁ କୁହାଯାଏ। ମହାଦେବଙ୍କ କୌଣସି ଆଦି କିମ୍ବା ଅନ୍ତ ନାହିଁ । ତାଙ୍କ ଉତ୍ପତ୍ତି କିମ୍ବା ଅନ୍ତ ବିଷୟରେ କିଛି ଜଣାଯାଏ ନାହିଁ । ସେ ପରମପିତା ପରମେଶ୍ୱର । ଭଗବାନ ଶିବ ଗୁରୁ ଭାବେ ଅନେକ ଶିଷ୍ୟଙ୍କୁ ଜ୍ଞାନ ପ୍ରଦାନ କରିଥିଲେ । ତାଙ୍କୁ ସୃଷ୍ଟିର ପ୍ରଥମ ଗୁରୁ କୁହାଯାଏ । ଭଗବାନ ବିଷ୍ଣୁଙ୍କ ଅବତାର ପର୍ଶୁରାମ ଅସ୍ତ୍ରଶସ୍ତ୍ର ଶିକ୍ଷା ମହାଦେବଙ୍କ ଠାରୁ ଗ୍ରହଣ କରିଥିଲେ । ଶିବଙ୍କ ଦ୍ୱାରା ପ୍ରଦତ୍ତ ପର୍ଶୁ(ପର୍ଶୁ) କାରଣରୁ ଋଷି ଜମଦଗ୍ନିଙ୍କ ପୁତ୍ର ରାମଙ୍କ ନାମ ପର୍ଶୁରାମ ହୋଇଥିଲେ । ଏହି ମହା ଅସ୍ତ୍ର ଦ୍ୱାରା ପର୍ଶୁରାମ ପୃଥିବୀକୁ ୨୧ ଥର କ୍ଷତ୍ରିୟ ମୁକ୍ତ କରିଥିଲେ । ବ୍ରହ୍ମବୈବର୍ତ୍ତ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ନାଗରାଜ ବାସୁକୀଙ୍କ ଭଉଣୀ ଜରତ୍କାରୁଙ୍କ ଗୁରୁ ମଧ୍ୟ ଭଗବାନ ଶିବ ଥିଲେ । ଦାନବମାନଙ୍କର ଗୁରୁ ଶୁକ୍ରାଚାର୍ଯ୍ୟ



ଭଗବାନ ଶିବଙ୍କ ଠାରୁ ମୃତ ସଞ୍ଜିବନୀ ବିଦ୍ୟା ଗ୍ରହଣ କରିଥିଲେ । ଥରେ ଦେବତା ଏବଂ ଦାନବଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଥିଲା । ଦେବତାମାନେ ବିଜୟୀ ହେବା ସହିତ ରାକ୍ଷସମାନଙ୍କୁ ବଧ କରିଥିଲେ । ମାତ୍ର ଶୁକ୍ରାଚାର୍ଯ୍ୟ ନିଜ ମୃତ ସଞ୍ଜିବନୀ ବିଦ୍ୟା ବଳରେ ପୁଣିଥରେ ଅସୁରମାନଙ୍କୁ ଜୀବନଦାନ ଦେଇଥିଲେ । ଏହା ଦେଖି ଶୁକ୍ରଚାର୍ଯ୍ୟଙ୍କୁ ଭଗବାନ ଶିବ ଗିଳି ଦେଇଥିଲେ । ଯୁଦ୍ଧ ଶେଷ ହେବା ପରେ ତାଙ୍କୁ ବାହାରକୁ ବାହାର କରିଥିଲେ । ଶିବଙ୍କ ଦ୍ୱାରା ପୁନଃ ଉତ୍ପନ୍ନ ହୋଇଥିବା କାରଣରୁ ମାତା ପାର୍ବୀତ ଶୁକ୍ରାଚାର୍ଯ୍ୟଙ୍କୁ ନିଜ ପୁତ୍ର ରୂପେ ଗ୍ରହଣ କରିଥିଲେ ।

# ଘରେ ପ୍ରସ୍ତୁତ କରନ୍ତୁ ଗୁଡୁଚି କାଢ଼ା

ଆୟୁର୍ବେଦ ଅନୁସାରେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ପାଇଁ ଗିଲୋଇ ବା ଗୁଡୁଚି ରସ ସାହାଯ୍ୟ କରିଥାଏ। ମହାମାରୀ କରୋନାରୁ ରକ୍ଷା ପାଇବା ପାଇଁ ଆୟୁଷ ମନ୍ତ୍ରଣାଳୟ ମଧ୍ୟ ଗିଲୋଇ କାଢ଼ା ପିଇବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଛି। ଗୁଡୁଚି କାଢ଼ା ପିଇଲେ ଡେଙ୍ଗୁ, ଚିକେନଗୁନିଆ ଓ ଜ୍ୱର ଆଦି ଭଲ ହୋଇଥାଏ। ତେବେ ବଜାରରେ ମିଳୁଥିବା ଗିଲୋଇ ରସ ନକିଣି ଆପଣ ଚାହିଁଲେ ଗିଲୋଇ ଗଛର ପତ୍ର ଓ ଡାଳ ମିଶାଇ ଘରେ ମଧ୍ୟ ଗିଲୋଇ କାଢ଼ା ପ୍ରସ୍ତୁତ କରିପାରିବେ। ଆସନ୍ତୁ ଜାଣିବା ଗୁଡୁଚି କାଢ଼ା କିପରି ପ୍ରସ୍ତୁତ ହୋଇଥାଏ।



ଗୁଡୁଚି କାଢ଼ା ପାଇଁ ଆବଶ୍ୟକ ସାମଗ୍ରୀ: ଦୁଇ କପ୍ ପାଣି, ଗିଲୋଇ ଡାଳ ବା ପତ୍ରରୁ କିଛି, ୧ ଚାମଚ ହଳଦୀ, ଦୁଇ ଇଞ୍ଚର ଅଦା, ୬ରୁ ୭ଟି ତୁଳସୀ ପତ୍ର ଓ ସ୍ୱାଦ ଅନୁସାରେ ଗୁଡ଼।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଦୁଇ କପ୍ ପାଣିକୁ ଅଳ୍ପ ଆଞ୍ଚରେ ଫୁଟାଇ ଦିଅନ୍ତୁ। ଏହି ପାଣିରେ ଗିଲୋଇ, ଅଦା, ହଳଦୀ, ତୁଳସୀ ପତ୍ର ଓ ଗୁଡ଼ ପକାଇ କିଛି ସମୟ ପାଇଁ ଫୁଟାନ୍ତୁ। ପାଣି ଅଧା ହୋଇଗଲେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ଏହାପରେ ଏକ ସଫା କପଡ଼ା ବା ଛଣାରେ ଏହି କାାକୁ ଛାଣି ଦିଅନ୍ତୁ।

ଗୁଡୁଚି କାଢ଼ାରୁ ମିଳୁଥିବା ସ୍ୱାସ୍ଥ୍ୟ ଲାଭ

୧. ଗିଲୋଇ କାଢ଼ା ପିଇଲେ ରୋଗ ପ୍ରତିରୋଧ ଶକ୍ତିର କ୍ଷମତା ବଢ଼ିଥାଏ ଏବଂ ଏଥିରେ ଥିବା ଅଦା ଓ ହଳଦୀ ଶରୀରକୁ ଇନଫେକସନଠାରୁ ରକ୍ଷା କରିଥାଏ।

୨. ଡେଙ୍ଗୁ ହେଲେ ଶରୀରରେ ପ୍ଲେଟ୍ଲେଟ୍ ସଂଖ୍ୟା କମ୍ ହୋଇଥାଏ। ଏହି ସମୟରେ ରୋଗୀଙ୍କୁ ଗିଲୋଇ କାଢ଼ା ଦେଲେ ପ୍ଲେଟ୍ଲେଟ୍ ସଂଖ୍ୟା ବୃଦ୍ଧି ପାଇଥାଏ।

ତେବେ ମନେରଖନ୍ତୁ, ପ୍ରତିଦିନ ଗୋଟିଏ କପରୁ ଅଧିକ ଗୁଡୁଚି କାଢ଼ା ପିଅନ୍ତୁ ନାହିଁ।

# ସମାଜ ମଙ୍ଗଳ ଉଦ୍ଦେଶ୍ୟରେ କରନ୍ତୁ ଜ୍ଞାନର ଉପଯୋଗ

ବେଦ ହେଉଛି ହିନ୍ଦୁ ମାନଙ୍କ ଧର୍ମ ଗ୍ରନ୍ଥ ଭାବେ ଧରାଯାଏ । ଋକ୍ , ଯଜୁର୍, ସାମ, ଅଥର୍ବ ଭାବେ ବେଦକୁ ଚାରି ଭାଗରେ ବିଭକ୍ତ କରାଯାଇଛି । କିନ୍ତୁ ହିନ୍ଦୁ ଧର୍ମରେ ମହାଭାରତକୁ ପଞ୍ଚମ ବେଦ ଭାବେ ପରିଗଣିତ କରାଯାଏ । ଆଉ ମଧ୍ୟ ବିଶ୍ୱାସ କରାଯାଏ କି ପ୍ରତ୍ୟେକ ଭାରତୀୟ ନିଜ ଜୀବନ କାଳ ଭିତରେ ନିହାତି ଭାବେ ମହାଭାରତ ପଢିବା ଉଚିତ । କାରଣ ଏଥିରେ ସାଧାରଣ ଜୀବନ ଚର୍ଯ୍ୟା, ଧର୍ମ, ରାଜନୀତି ଭଳି ଅତି ଗୁରତ୍ୱପୂର୍ଣ୍ଣ ବିଷୟ ଗୁଡିକ ଉପରେ ବ୍ୟାଖ୍ୟା କରାଯାଇଛି । ଆଉ ମଧ୍ୟ କୁହାଯାଏ ମହାଭାରତ ହିଁ ଜୀବନ ବଞ୍ଚିବାର ପ୍ରକୃତ ମାର୍ଗ ଶିଖେଇଥାଏ । ଏହାକୁ ପଢିବା ପରେ ଯେଉଁ ଶିକ୍ଷା ଆମକୁ ମିଳିଥାଏ ତାକୁ ନିହାତି ଭାବେ ମନେ ରଖିବା ଉଚିତ ।

ପ୍ରତିଟି ବ୍ୟକ୍ତି ନିଜ ଜୀବନକୁ ଏକ ନିର୍ଦ୍ଦିଷ୍ଟ ଯୋଜନା ମୁତାବକ ହିଁ ବଞ୍ଚିବା ଉଚିତ । ପ୍ରତିଟି କାମ ଯଦି ନିର୍ଦ୍ଦିଷ୍ଟ ଯୋଜନା ଅନୁଯାୟୀ କରାଯାଏ



ତେବେ ସଫଳତା ନିଶ୍ଚିତ ଭାବେ ମିଳିଥାଏ । ନଚେତ ଭବିଷ୍ୟତ ଅନ୍ଧକାର ମୟ ହୋଇଥାଏ । ଉଦାହରଣ ସ୍ୱରୂପ ଭଗବାନ କୃଷ୍ଣ ଯଦି ବିନା କୌଣସି ଯୋଜନାରେ ପାଣ୍ଡବ ମାନଙ୍କ ସପକ୍ଷରେ ଲଢ଼ିଥାନ୍ତେ । ତେବେ ହୁଏତ କେବେ ବି ପାଣ୍ଡବ ମାନେ କୌରବଙ୍କ ଉପରେ ବିଜୟ ଲାଭ କରିପାରିନଥାନ୍ତେ । ସେହିପରି ଜୀବନ ବଞ୍ଚିବା ପାଇଁ ଏକ ଭଲ ମିତ୍ରର ଆବଶ୍ୟକତା ରହିଥାଏ । ଯାହା ସାହାଯ୍ୟରେ ଜୀବନ ସୁରୁଖୁରୁରେ ପରିଚାଳିତ ହୋଇପାରେ । ଆପଣ ଯେତେ ଭଲ ହେଲେବି ଆପଣଙ୍କ ସାଥି ଯଦି ଭଲ ନ ରୁହେ ତେବେ ଜୀବନ ଏକ ପ୍ରକାର ବରବାଦ ହୋଇଯାଏ । ଏହା ଏକ ବଳିଷ୍ଠ ଉଦାହରଣ ହେଉଛି ଦୁର୍ଯ୍ୟୋଧନ ଚରିତ୍ର । ଯିଏ କି ନିଜ ମାମୁଁ ଶକୁନି ବୁଦ୍ଧିରେ ପଡି ହିଁ ନିଜ ସର୍ବନାଶକୁ ଡାକି ଆଣିଥିଲେ । ଏହା ବାଦ ଜଣେ ବ୍ୟକ୍ତିର କିଏ ପ୍ରକୃତ ମିତ୍ର ଓ କିଏ ଶତ୍ରୁ ସେ ବିଷୟରେ କିଞ୍ଚିତ ଜ୍ଞାନ ରହିବା ନିହାତି ଆବଶ୍ୟକ ।

# ଘଟୋତ୍କଚର ପୁତ୍ର

ଦ୍ୱାପର ଯୁଗର କଥା । ଭୀମଙ୍କ ପୁତ୍ର ଘଟୋତ୍କଚ ଏବଂ ତା'ର ପୁତ୍ର ମୋର୍ବୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜନ୍ମ ନେଲା । ଏହି ଶିଶୁର କେଶ ଅଣ୍ଡିରା ସିଂହ (ବବର ଶେର୍) ଭଳି ହୋଇଥିବାରୁ



ତା'ର ନାମ 'ବର୍ବରୀକ' ରଖାଗଲା । ସେ ପାଣ୍ଡବଙ୍କ ପକ୍ଷରୁ କୁରୁକ୍ଷେତ୍ର ଯୁଦ୍ଧରେ ଲଢ଼ିବାକୁ ବାହାରିଲା । ଏହି ସମୟରେ ବର୍ବରୀକକୁ ତା'ର ମା' ଡାକିଲେ ଏବଂ କହିଲେ, ପୁତ୍ର ! ତୁମେ ମହାଭାରତ ଯୁଦ୍ଧରେ ସେହି ପକ୍ଷକୁ ସହାୟତା କରିବ, ଯାହାର ପରାଜୟ ଆଶଙ୍କା ଅଧିକ ରହିଥିବ । ମା' ପୁତ୍ରକୁ ୩ଟି ଶର ଦେଲେ । ସେହି ଶର ଅତ୍ୟନ୍ତ ବିଧ୍ୱଂସକାରୀ ଥିଲା । ଯାହା ଏକାଥରରେ ମହାଭାରତ ଯୁଦ୍ଧ ସମାପ୍ତ କରିବାର କ୍ଷମତା ରଖୁଥିଲା । ଏହି କଥା ଭଗବାନ ଶ୍ରୀକୃଷ୍ଣ ଜାଣିନେଲେ । ସେ ବ୍ରାହ୍ମଣ ବେଶରେ ବର୍ବରୀକଙ୍କ ନିକଟକୁ ଗଲେ । ତାଙ୍କୁ ଦାନସ୍ୱରୂପ ତାଙ୍କ ମୁଣ୍ଡ ମାଗିନେଲେ । ବର୍ବରୀକ ସେହି ମୁଣ୍ଡ ତାଙ୍କୁ ଦାନ ଦେଇଦେଲେ । ଏହାପରେ ଶ୍ରୀକୃଷ୍ଣ ନିଜ ସ୍ୱରୂପରେ ଦେଖାଦେଲେ ଏବଂ କହିଲେ, ବର୍ବରୀକ ତୁମେ ଯଦି ମହାଭାରତ ଯୁଦ୍ଧରେ ଭାଗ ନେଇଥାନ୍ତ, ତେବେ ଏହି ଯୁଦ୍ଧର କୌଣସି ମହତ୍ୱ ରହିନଥାନ୍ତା । ତେଣୁ ଏବେ ତୁମେ ଏହି ଯୁଦ୍ଧରେ ଲଢ଼ିପାରିବ ନାହିଁ । ତୁମର ମସ୍ତକ ଏକ ଉଚ୍ଚ ସ୍ଥାନରେ ରହିବ । ଫଳରେ ତୁମେ ସମଗ୍ର ମହାଭାରତ ଯୁଦ୍ଧ ଦେଖିପାରିବ । ତେବେ ମୋତେ ନିଜ ମସ୍ତକ ପ୍ରଦାନ କରିବାର ବଳିଦାନ ଦେଇଥିବାରୁ ତୁମେ କଳିଯୁଗରେ ଭଗବାନ ରୂପେ ପୂଜା ପାଇବ । ମୋର ନାମ 'ଶ୍ୟାମ' ନାମରେ ତୁମେ ପ୍ରସିଦ୍ଧ ହେବ । ଖାଟୁ ନାମକ ସ୍ଥାନରେ ତୁମର ମସ୍ତକ ପୋତାଯିବ । ତୁମେ ଖାଟୁଶ୍ୟାମ ବାବା ନାମରେ ପରିଚିତ ହେବ । ଏହି ସ୍ଥାନ ବର୍ତ୍ତମାନ ରାଜସ୍ଥାନରେ ରହିଛି। ଖାଟୁ ଶ୍ୟାମ ଭଗବାନ ଏବେ ଅନେକ ଭକ୍ତଙ୍କୁ ଆକୃଷ୍ଟ କରିପାରିଛନ୍ତି । ଖାଟୁ ଶ୍ୟାମଜୀ ମନ୍ଦିର ବର୍ତ୍ତମାନ ରାଜସ୍ଥାନର ସୀକର ଜିଲ୍ଲାରେ ରହିଛି । ମନ୍ଦିରଟି ଶ୍ୱେତ ପ୍ରସ୍ତରରେ ନିର୍ମିତ । ମନ୍ଦିରଟି ଅତି ପ୍ରାଚୀନ ବୋଲି ବିଶ୍ୱାସ କରାଯାଏ । ବର୍ତ୍ତମାନ ଖାଟୁ ଶ୍ୟାମଜୀ ସେହି ସ୍ଥାନରେ ପୂଜା ପାଉଛନ୍ତି, ଯେଉଁଠି ବର୍ବରୀକଙ୍କ ମସ୍ତକ ପୋତା ହୋଇଥିଲା । ଏହି ମନ୍ଦିର ଉପରେ ମୋଗଲ ଶାସକ ଆଉରଙ୍ଗଜେବ୍ ୧୬୭୯ରେ ଆକ୍ରମଣ କରିଥିବା ଜଣାଯାଏ । ତେବେ ୧୭୨୦ରେ ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା ।

# ପର୍ଯ୍ୟଟନର ବିକାଶ ପାଇଁ ପ୍ରଦର୍ଶନୀ ଓ କର୍ମଶାଳା

**ଭୁବନେଶ୍ୱର,୨୫।୨ (ମହାଭାରତ):** ବର୍ତ୍ତମାନ ଓ ଭବିଷ୍ୟତ ପିଢି ପାଇଁ ଆମର ପର୍ଯ୍ୟଟନ କ୍ଷେତ୍ରଗୁଡିକର ବିକାଶ ପ୍ରତି ସରକାର ପ୍ରତିବଦ୍ଧ। ଆଗାମୀ ୫୦ ବର୍ଷରେ ଓଡିଶାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଭିତ୍ତିଭୂମି ନିର୍ମାଣ ସହ ଓଡିଶାକୁ ଦୁଃସାହସିକ ଓ ଆବିଷ୍କାର କ୍ଷେତ୍ରରେ ଏକ ଶ୍ରେଷ୍ଠ ଗନ୍ତବ୍ୟସ୍ଥଳୀରେ ପରିଣତ କରିବା ନେଇ ଲକ୍ଷ୍ୟ ରଖାଯାଇଛି । ଏହି ଲକ୍ଷ୍ୟକୁ ବାସ୍ତବ ରୂପ ଦେବା ପାଇଁ ଘରୋଇ କ୍ଷେତ୍ରରୁ ନିବେଶ ଓ ସହଭାଗିତାକୁ ସ୍ୱାଗତ କରୁଛୁ ବୋଲି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି।




ଆଜି ହୋଟେଲ ସ୍ୱସ୍ତି ପ୍ରିମିୟମ, ଭୁବନେଶ୍ୱରରେ ୬ଷ୍ଠ ଓଡିଶା ଟ୍ରାଭେଲ ବଜାର (ଓଟିବି) ୨୦୨୫ର ବି୨ବି ପ୍ରଦର୍ଶନୀକୁ ଉଦଘାଟନ କରି ମନ୍ତ୍ରୀ ଶ୍ରୀମତି ପ୍ରଭାତୀ ପରିଡା କହିଛନ୍ତି ଯେ ଓଡିଶା ଆଡ଼ଭେଞ୍ଚର ସ୍ପୋର୍ଟସ ପାଇଁ ପ୍ରମୁଖ ଗନ୍ତବ୍ୟସ୍ଥଳୀ ଭାବେ ଉଭା ହୋଇଛି। ଏଠାରେ ସାମୁଦ୍ରିକ ବେଳାଭୂମି, ଘଂଚ ଜଙ୍ଗଲ, ପର୍ବତ, ଜଳପ୍ରପାତ ଆଦି ସମେତ ଆକର୍ଷଣୀୟ ସ୍ଥାନଗୁଡିକର ଏକ ଉତ୍କୃଷ୍ଟ ଶୃଙ୍ଖଳା ରହିଛି। ଏ ସବୁର ବିକାଶ କରି ପରବର୍ତ୍ତୀ ୫୦ ବର୍ଷ ପାଇଁ ଓଡିଶାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ମୂଳଦୁଆ। ପକାଇବା ଆମର ଲକ୍ଷ୍ୟ।

ଦୁଃସାହସିକ ପର୍ଯ୍ୟଟନ କେବଳ ରୋମାଂଚ ବିଷୟରେ ନୁହେଁ - ଏହା ଦାୟିତ୍ୱପୂର୍ଣ୍ଣ ଯାତ୍ରା, ପରିବେଶ ପରିଚାଳନା ଏବଂ ସ୍ଥାନୀୟ ସମୁଦାୟପାଇଁ ଅର୍ଥନୈତିକ ସୁଯୋଗ ସମ୍ବନ୍ଧିତ ଅଟେ। ବିବିଧ ପର୍ଯ୍ୟଟନ ଅନୁଭୂତି ପାଇଁ ଭାରତର ପ୍ରୟାସ ସହିତ ଓଡ଼ିଶାର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଭାବେ ଯୋଡ଼ି ହୋଇଛି ଏବଂ ଆମେ ଏହି ଯାତ୍ରାକୁ ସମର୍ଥନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାର ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟ ଏହାର ଉଦ୍ୟୋଗୀ ମନୋଭାବ ସହିତ ଏହାର ଅନ୍ତରରେ ଗଭୀର ଭାବରେ ଜଡ଼ିତ ରହିଛି। ରୋମାଂଚ ଖୋଜୁଥିବା ଲୋକଙ୍କ ପାଇଁ ଏହା ଏକ ଅନନ୍ୟ ଏବଂ ଆକର୍ଷଣୀୟ ଗନ୍ତବ୍ୟସ୍ଥଳରେ ପରିଣତ ହୋଇଛି। ଓଡ଼ିଶାର ସର୍ବୋତମ ରହସ୍ୟ ଉନ୍ମୋଚନ କରିବାକୁ ଆମେ ପ୍ରସ୍ତୁତ। ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ପାଇଁ ସମସ୍ତ ଅଂଶୀଦାରଙ୍କୁ ଏକାଠି କରି ଓଡ଼ିଶା ପ୍ରକୃତରେ ଏକ ଆକର୍ଷଣ ପାଲଟିଛି ଏବଂ ଏହା ପର୍ଯ୍ୟଟନର ଭବିଷ୍ୟତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କର୍ମଶାଳାରେ ପରିଣତ ହୋଇଛି ବୋଲି ପର୍ଯ୍ୟଟନ ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ଶ୍ରୀମତୀ ମୁଗ୍ଧା ସିହ୍ନା ଆଇଏଏସ୍ କହିଛନ୍ତି।

ଓଡ଼ିଶା ସରକାରଙ୍କ ଡିସି-କମ-ଏସିଏସ ଅନୁ ଗାର୍ଗ କହିଛନ୍ତି ଯେ ପ୍ରଗତି କ୍ଷେତ୍ରରେ ଓଡ଼ିଶା ସବୁବେଳେ ଆଗରେ ରହିଆସିଛି ଏବଂ ଆଜି ଆମେ ଗର୍ବର ସହ କହୁଛୁ ଯେ ପର୍ଯ୍ୟଟନ ହେଉଛି ଏକ ଅତ୍ୟାଧୁନିକ କ୍ଷେତ୍ର ଯେଉଁଥିରେ ଆମ ରାଜ୍ୟ ଅଗ୍ରଣୀ। ଓଡ଼ିଶା ପ୍ରକୃତରେ ଆଶୀର୍ବାଦପ୍ରାପ୍ତ, ଅବ୍ୟବହୃତ ସମୁଦ୍ରକୂଳ, ଘଂଚ ଜଙ୍ଗଲ, ମନ୍ଦିର, ଜଳପ୍ରପାତ, ରାମସାର ସ୍ଥଳ, ଅଭୟାରଣ୍ୟ ପ୍ରଭୃତି ସବୁକିଛି ଆମ ପାଖରେ ଅଛି। ଆମ ରାଜ୍ୟ ୨୦୩୬ ଓ ୨୦୪୭ ପାଇଁ ଏକ ପରିକଳ୍ପନା କାର୍ଯ୍ୟରେ ନିୟୋଜିତ ଅଛି, ଯେଉଁଥିରେ ପର୍ଯ୍ୟଟନ ଆମର ଅଭିବୃଦ୍ଧି ରଣନୀତିର କେନ୍ଦ୍ରବିନ୍ଦୁ ଅଟେ ବୋଲି ସେ ପ୍ରକାଶ କରିଥିଲେ।

ପର୍ଯ୍ୟଟନ ବିଭାଗର ଶାସନ ସଚିବ ବଲୱନ୍ତ ସିଂଙ୍କ ଦ୍ୱାରା ଏକ ପ୍ରସଙ୍ଗ-ନିର୍ଦ୍ଧାରଣ ଅଧିବେଶନ ସହିତ କର୍ମଶାଳା ଆରମ୍ଭ ହୋଇଥିଲା। ଏହି ଅବସରରେ ଶ୍ରୀ ସିଂ କହିଥିଲେ ଯେ ପ୍ରାଚୀନ ଉପକୂଳଠାରୁ ଆରମ୍ଭ କରି ଭବ୍ୟ ପାହାଡ଼ ଓ ନଦୀ ପର୍ଯ୍ୟନ୍ତ ଦୁଃସାହସିକ ପର୍ଯ୍ୟଟନ ପାଇଁ ଓଡ଼ିଶା ଏକ ଉପଯୁକ୍ତ ଦୃଶ୍ୟରେ ଭରପୂର। ଏହି କର୍ମଶାଳା ଆମ ରାଜ୍ୟରେ ରୋମାଂଚ ପ୍ରେମୀଙ୍କ ପାଇଁ ସ୍ଥାୟିତ୍ୱ, ନିରାପତ୍ତା ଏବଂ ବିଶ୍ୱସ୍ତରୀୟ ଅନୁଭୂତି ସୁନିଶ୍ଚିତ କରିବା ଦିଗରେ ଏକ ଗଠନମୂଳକ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ଦିଗରେ ଏକ ପଦକ୍ଷେପ ।

ପର୍ଯ୍ୟଟନ ନିର୍ଦ୍ଦେଶକ ଶ୍ରୀ ସମର୍ଥ ବର୍ମା ଓଡ଼ିଶା ଆଡଭେଂଚର ଟୁରିଜିମ ମାର୍ଗଦର୍ଶିକା ୨୦୨୫ର ଡ୍ରାଫ୍ଟ ଉପସ୍ଥାପନ କରିଥିଲେ। ଏହା ରାଜ୍ୟରେ ସୁରକ୍ଷିତ ଏବଂ ସ୍ଥାୟୀ ଦୁଃସାହସିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ନିୟାମକ ଢାଂଚ, ରଣନୀତିକ ସ୍ତମ୍ଭ, ରୋମାଂଚକର ସମ୍ଭାବ୍ୟ ଗନ୍ତବ୍ୟସ୍ଥଳ ଏବଂ ସର୍ବୋତ୍ତମ ଅଭ୍ୟାସ ଉପରେ ଆଲୋଚନା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଥିଲା। ହଟ ଏୟାର ବେଲୁନ ଠାରୁ ଆରମ୍ଭ କରି ବଙ୍ଗି ଜମ୍ପିଂ, କାୟାକିଂଠାରୁ ଆରମ୍ଭ କରି ଓ୍ୱିଂଚ ପାରାସେଲିଂ ପର୍ଯ୍ୟନ୍ତ ସବୁ ପ୍ରକାର ଦୁଃସାହସିକ ପର୍ଯ୍ୟଟନ ପାଇଁ ଓଡ଼ିଶାରେ ଉପଯୁକ୍ତ ଗନ୍ତବ୍ୟସ୍ଥଳ ରହିଛି ବୋଲି ଶ୍ରୀ ବର୍ମା କହିଛନ୍ତି।

ଏହି ପ୍ରଦର୍ଶନୀ ଓଡିଶାର ଘରୋଇ ଟୁର ଅପରେଟର ଓ ସେଲରମାନଙ୍କୁ (ଟୁର ଅପରେଟର / ହୋଟେଲିୟର) ଗୋଟିଏ ମଞ୍ଚରେ ଏକାଠି କରିଛି। ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫିକି ସହ ସହଭାଗିତାରେ ଆୟୋଜିତ ଏହି ୪ ଦିବସୀୟ କାର୍ଯ୍ୟକ୍ରମ ରଣନୈତିକ ବି୨ବି (ବିଜ୍ନେସ-ଟୁ-ବିଜ୍ନେସ) ଓ ବି୨ଜି (ବିଜ୍ନେସ-ଟୁ-ଗଭର୍ଣ୍ଣମେଂଟ) ଯୋଗଦାନ ମାଧ୍ୟମରେ ଓଡିଶାକୁ ଏକ ଅଗ୍ରଣୀ ପର୍ଯ୍ୟଟନ ଓ ନିବେଶ କେନ୍ଦ୍ର ଭାବେ ଅବସ୍ଥାପିତ କରିବାକୁ ଲକ୍ଷ୍ୟ ରହିଛି।

# ଆଇଆଇଟି ଭୁବନେଶ୍ୱର ଓ ରାମକୋ ମଧ୍ୟରେ ଏମ୍ଓୟୁ

**ଭୁବନେଶ୍ୱର,୨୫।୨ (ମହାଭାରତ):** ସ୍ଥାୟୀ ନିର୍ମାଣ ଏବଂ ଜଳବାୟୁ ସ୍ଥିରତା କ୍ଷେତ୍ରରେ ଏକ ଉତ୍କର୍ଷତା କେନ୍ଦ୍ର ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ, ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଏବଂ ରାମକୋ ସିମେଂଟସ୍ ଲିମିଟେଡ୍ ୨୪ ଫେବୃଆରୀ ୨୦୨୫ ରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ରାମକୋ ସିମେଂଟସ୍ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟାଳୟ ଚେନ୍ନାଇରେ ଅବସ୍ଥିତ ଏବଂ ଏହା ଓଡ଼ିଶା ସମେତ ଭାରତର ଦକ୍ଷିଣ ଏବଂ ପୂର୍ବ ଅଂଶରେ ବିଭିନ୍ନ ସ୍ଥାନରେ ସମନ୍ୱିତ ସିମେଂଟ କାରଖାନା, ଗ୍ରାଇଣ୍ଡିଂ ୟୁନିଟ୍ ଏବଂ ନିର୍ମାଣ ରାସାୟନିକ କାରଖାନା ପରିଚାଳନା କରେ। ଏହି ଉତ୍କର୍ଷତା କେନ୍ଦ୍ରର ନାମ 'ରାମକୋ ସଷ୍ଟେନେବଲ୍ ନିର୍ମାଣ ଏବଂ ଜଳବାୟୁ ସ୍ଥିରତା କେନ୍ଦ୍ର (ରାମସନ)।' ଆଇଆଇଟି ଭୁବନେଶ୍ୱରର ଡିନ୍ (ପୂର୍ବ ଛାତ୍ର ବ୍ୟାପାର ଏବଂ ଆନ୍ତର୍ଜାତୀୟ ସମ୍ପର୍କ) ପ୍ରଫେସର ପ୍ରଶାନ୍ତ ସାହୁ ଏବଂ ରାମକୋ ସିମେଂଟସ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ମାର୍କେଟିଂ ଶ୍ରୀ ବାଲାଜୀ କେ. ମୂର୍ତ୍ତି ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

ଏହି ଅବସରରେ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ତଥା ଆଇଆଇଟି ଭୁବନେଶ୍ୱରର ଅନ୍ୟାନ୍ୟ ସମ୍ପୃକ୍ତ ଅଧ୍ୟାପକ ଏବଂ ରାମକୋ ସିମେଂଟସ୍ ଲିମିଟେଡର ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ବୁଝାମଣାପତ୍ର ଜଳବାୟୁ ସ୍ଥିରତା ଉପରେ ଆଧାରିତ ସ୍ଥାୟୀ ନିର୍ମାଣ ସାମଗ୍ରୀ ଏବଂ କୌଶଳ ସମ୍ବନ୍ଧୀୟ ଉଚ୍ଚମାନର ଗବେଷଣା କରିବା ଲକ୍ଷ୍ୟ ରଖିଛି। ଏହି ଗବେଷଣା ସ୍ଥାୟୀତ୍ୱ, ଦକ୍ଷତା ଏବଂ ସ୍ୱତନ୍ତ୍ର ପ୍ରୟୋଗ ପାଇଁ ଉନ୍ନତ ଏବଂ ସ୍ଥାୟୀ କଂକ୍ରିଟ୍ ସମାଧାନର ବିକାଶ ଉପରେ ଧ୍ୟାନ ଦିଏ। ଭାରତୀୟ ନିର୍ମାଣ ଶିଳ୍ପର ସ୍ଥାୟୀ ସୂଚକାଙ୍କକୁ ଉନ୍ନତ କରିବା ପାଇଁ ଏହି ବୁଝାମଣାପତ୍ର ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହିତ ସଂଯୁକ୍ତ। ପ୍ରଫେସର କରମଲକର କହିଥିଲେ 'ରାମକୋ ସିମେଂଟ୍ସ ଲିମିଟେଡ୍ ସହିତ ଏହି ସହଯୋଗ ସ୍ଥାୟୀ ଏବଂ ଜଳବାୟୁ-ସ୍ଥାପକ ନିର୍ମାଣ କ୍ଷେତ୍ରରେ ଶିଳ୍ପ-ଶିକ୍ଷାକ୍ଷେତ୍ରରେ ପାରସ୍ପରିକ କ୍ରିୟାରେ ଇକୋସିଷ୍ଟମକୁ ବୃଦ୍ଧି କରିବ।'

# ୱାଟକୋକୁ ପ୍ରଯୁକ୍ତିବିଦ୍ୟା ସଭା ପୁରସ୍କାର

**ଭୁବନେଶ୍ୱର,୨୫।୨ (ମହାଭାରତ):** ଓଡିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ଜଳ ନିଗମ (ୱାଟକୋ)କୁ ଏହାର ଅଗ୍ରଣୀ ଜଳ ଗୁଣବତ୍ତା ତଥ୍ୟ ସଂଗ୍ରହ ଏବଂ ମନିଟରିଂ ସିଷ୍ଟମ ପାଇଁ ଏଣ୍ଟରପ୍ରାଇଜ୍ ଆପ୍ଲିକେସନ୍ ବର୍ଗରେ ସମ୍ମାନଜନକ ପ୍ରଯୁକ୍ତିବିଦ୍ୟା ସଭା ପୁରସ୍କାର ୨୦୨୫ରେ ସମ୍ମାନିତ କରାଯାଇଛି। ଜାତୀୟ ସ୍ତରୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର ସାର୍ବଜନୀନ ସେବା ପ୍ରଦାନ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବାରେ ଉତ୍କର୍ଷତାକୁ ସ୍ୱୀକୃତି ଫେବୃଆରୀ ୨୧ ରୁ ୨୩ ପର୍ଯ୍ୟନ୍ତ ହାଇଦ୍ରାବାଦରେ ଅନୁଷ୍ଠିତ ପ୍ରଯୁକ୍ତିବିଦ୍ୟା ସଭା କାର୍ଯ୍ୟକ୍ରମରେ ୱାଟକୋକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

ଭୁବନେଶ୍ୱର ସ୍ଥିତ ଏନ୍‌ଆଇସି କେନ୍ଦ୍ରର ବୈଷୟିକ ସହଯୋଗରେ ବିକଶିତ, ଜଳ ଗୁଣବତ୍ତା ତଥ୍ୟ ସଂଗ୍ରହ ଏବଂ ମନିଟରିଂ ସିଷ୍ଟମ ଏକ ଅନଲାଇନ୍ ସମନ୍ୱିତ କାର୍ଯ୍ୟପ୍ରଣାଳୀ-ମୁଖୀ ପ୍ଲାଟଫର୍ମ ଯାହା ସରକାର-ରୁ-ନାଗରିକ (G2C) ଏବଂ ସରକାର-ରୁ-ସରକାର (G2C) ସେବାକୁ ବାସ୍ତବ-ସମୟ ସିଷ୍ଟମ ସହିତ ଯୋଗ କରିଥାଏ। ଏହା ଓଡ଼ିଶାର ସହରାଞ୍ଚଳରେ ୱେବ୍-ସକ୍ଷମ ଏବଂ ମୋବାଇଲ୍ ଆପ୍-ଚାଳିତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଜଳ ଗୁଣବତ୍ତା ନମୁନା ସଂଗ୍ରହ, ପରୀକ୍ଷଣ ଏବଂ ତଥ୍ୟ ସର୍ବେକ୍ଷଣ ମନିଟରିଂ ପାଇଁ ଏକ ବ୍ୟାପକ ସମାଧାନ ପ୍ରଦାନ କରିବା ଲକ୍ଷ୍ୟ ରଖିଛି। ଏହି ସିଷ୍ଟମ ପ୍ରତ୍ୟେକ ଘରକୁ ନିରାପଦ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ପ୍ରକୃତ-ସମୟ ଗୁଣବତ୍ତା ସର୍ବେକ୍ଷଣ କରିଥାଏ ଓ ଶୀଘ୍ର ସମସ୍ୟା ସମାଧାନ ପାଇଁ ଦକ୍ଷତା ରହିଛି ଓ ଏହା ଉନ୍ନତ ଗ୍ରାହକ ସନ୍ତୁଷ୍ଟି ପାଇଁ ଉନ୍ନତ ଗ୍ରାହକ ଅଭିଯୋଗ ସମାଧାନ ବ୍ୟବସ୍ଥା। ମିଳିଥିବା ପୁରସ୍କାରଟିକୁ ୱାଟକୋ ଏମ୍ ଡି ଗୁରୁଚରଣ ଦାସ ଏବଂ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କୁ ପ୍ରଦାନ କରିଥିଲେ। ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବାଶିଷ ସିଂହ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀମତୀ ପାଢୀ, ୱାଟକୋ ଏମ୍‌ଡି ଏବଂ ତାଙ୍କ ଦଳକୁ ଅଭିନନ୍ଦନ ଜଣାଇ କହିଥିଲେ, ଏହି ସଫଳତା ଉନ୍ନତ ସାର୍ବଜନୀନ ସେବା ପ୍ରଦାନ ପାଇଁ ଡିଜିଟାଲ୍ ଶାସନକୁ ଉପଯୋଗ କରିବା ପାଇଁ ଓଡ଼ିଶାର ପ୍ରତିବଦ୍ଧତାର ପ୍ରମାଣ। ଜଳ ଗୁଣବତ୍ତା ତଥ୍ୟ ଅଧିଗ୍ରହଣ ଏବଂ ତଦାରଖ ପ୍ରଣାଳୀ ଜଳ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ସହରା ଳରେ ନାଗରିକ ସନ୍ତୁଷ୍ଟି ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ଓଡ଼ିଶା ଇତିହାସ ଓ ଐତିହ୍ୟ ଯୁବପିଢ଼ିଙ୍କ ପାଇଁ ମାର୍ଗଦର୍ଶକ

**ଭୁବନେଶ୍ୱର,୨୫।୨ (ମହାଭାରତ):** ଓଡ଼ିଶା ହେଉଛି ସମୃଦ୍ଧ କଳା ଓ ସଂସ୍କୃତିର ଭୂମି। ଭାରତର ସ୍ୱାଧୀନତା ସଂଗ୍ରାମ ଓ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ କରିବାରେ ଅନେକ ବରପୁତ୍ରମାନଙ୍କର ଅତୁଳନୀୟ ଅବଦାନ ରହିଛି। ସେହି ବରପୁତ୍ରମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ। ଓଡ଼ିଶାର ଗୌରବମୟ ଇତିହାସ ଓ ଐତିହ୍ୟ ଯୁବପିଢ଼ିଙ୍କ ପାଇଁ ମାର୍ଗଦର୍ଶକ ହେଉ, ବୋଲି କହିଛନ୍ତି ଓଡ଼ିଆ। ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ।



ଆଜି ଅଭିଲେଖ ସପ୍ତାହ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଓଡ଼ିଆ। ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ହେଉଛି ଆମ ପରିଚୟ। ଏହା ଆମ ସ୍ୱାଭିମାନ। ଓଡ଼ିଆ। ଭାଷାକୁ ଏକ ସ୍ୱତନ୍ତ୍ର ଭାଷାର ପରିଚୟ ଦେବା ନିମନ୍ତେ ବହୁ ସାରସ୍ୱତ ସାଧକଙ୍କର ଅବଦାନ ରହିଛି। ଆଗକୁ ଆମ ଭାଷାକୁ ଆମେ ଯେପରି ଡିଜିଟାଲ କ୍ଲାଉଡ଼ରେ ଅନ୍ତର୍ଭୁକ୍ତ କରାଇବା ତାହା ଆମର ଲକ୍ଷ୍ୟ ହେବା ଉଚିତ। ଏଥିସହ ମନ୍ତ୍ରୀ ଶ୍ରୀ ସୂରଜ ଓଡ଼ିଶାର ସାଧ୍ୱୀନତା ସଂଗ୍ରାମର ସ୍ୱର୍ଣ୍ଣିମ ଇତିହାସ ଓ ଆମ ସ୍ୱାଧୀନତା ସଂଗ୍ରାମୀମାନଙ୍କର ବଳିଷ୍ଠ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ।

ଆଜିଠାରୁ ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଅଭିଲେଖ ସପ୍ତାହ ପାଳନ ଉତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିସହିତ ସ୍ୱାଧୀନତା ସଂଗ୍ରାମୀ ସୋମନାଥ ଶତପଥିଙ୍କ ହାତଲେଖା ଡାଏରୀ ଏବଂ ନଥିପତ୍ରକୁ ନେଇ ଏକ ପ୍ରଦର୍ଶନୀର ଆୟୋଜନ ମଧ୍ୟ କରାଯାଇଥିଲା, ଯାହା ଆଗାମୀ ୭ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମନ୍ତ୍ରୀ ଶ୍ରୀ ସୂରଜ ପ୍ରଦର୍ଶନୀ କକ୍ଷକୁ ବୁଲି ଦେଖିବା ସହ ସମସ୍ତ ଜନସାଧାରଣମାନେ ଆଗାମୀ ଦିନରେ ଏହି ପ୍ରଦର୍ଶନୀ କକ୍ଷ ବୁଲି ଦେଖନ୍ତୁ ବୋଲି ମତପ୍ରକାଶ କରିଛନ୍ତି।

ଆଜିର କାର୍ଯ୍ୟକ୍ରମରେ ଡ଼. ସୁବାଷ ଚନ୍ଦ୍ର ବାରିକ ଓ ସୁଶ୍ରୀ ନିରୁପମା ଶତପଥି ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ସୋମନାଥ ଶତପଥିଙ୍କ ଜୀବନୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ଼. ଶେଖ ସୋଲେମାନ ଅଲ୍ଲୀ ଆଜିର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରଥଯାତ୍ରା ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୨୫।୨ (ମହାଭାରତ):** ଆଗାମୀ ପୁରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା-୨୦୨୫କୁ ଦୃଷ୍ଟିରେ ରଖି ଏକ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟଗୃହ (ସ୍ୱରାଷ୍ଟ୍ର) ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପୁଲିସ ମହା ନିର୍ଦ୍ଦେଶକ ୱାଇ.ବି ଖୁରାନିଆଙ୍କ ସମେତ ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ପୁରୀ ଏବଂ ରାଜ୍ୟ ପୁଲିସ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ବିଶେଷ କରିଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ସମ୍ଭାବ୍ୟ ଜନଗହଳି ଓ ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ଏହାର ସୁପରିଚାଳନା ଓ ସୁବ୍ୟବସ୍ଥା ନିମନ୍ତେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା।




ପୁରୀ ଏକ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନ ସ୍ଥଳୀ ହୋଇଥିବାରୁ ରଥଯାତ୍ରା ସମେତ ଅନ୍ୟ ସମୟରେ ମଧ୍ୟ ବର୍ଷସାରା ବହୁ ସଂଖ୍ୟାରେ ଜନସାଧାରଣ ଓ ପର୍ଯ୍ୟଟକଙ୍କର ଆଗମନ ହୋଇଥାଏ। ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୀ ବଡଦାଣ୍ଡ ଏବଂ ପୁରୀ ବେଳାଭୂମିରେ ନିୟମିତ ଭାବେ ଭିଡ଼ ଦେଖା ଦେଇଥାଏ। ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ୍ୟ ଭିଡ଼ ପରିଲକ୍ଷିତ ହୋଇଥାଏ। ତେଣୁ ଟ୍ରାଫିକ ପରିଚାଳନା ଓଭିଡ଼ନିୟନ୍ତ୍ରଣ କରିବା, ଅପରାଧ ରୋକିବା ଓ ଆଇନ ଶୃଙ୍ଖଳା ପରିଚାଳନା ପାଇଁ ରିୟଲ ଟାଇମ ମନିଟରିଂ ଦୃଷ୍ଟିରୁ ପୁରୀକୁ ସଂଯୋଗ କରୁଥିବା ରାସ୍ତା, ପୁରୀସହର, ବଡ଼ଦାଣ୍ଡ ଓ ପୁରୀ ବେଳାଭୂମି ଆଦି ପ୍ରମୁଖ ୩୪୩ ସ୍ଥାନରେ ସିସିଟିଭି ସ୍ଥାପନ ପାଇଁ ପୁଲିସ ପ୍ରଶାସନ ତରଫରୁ ପ୍ରସ୍ତାବ ଦିଆଯାଇଛି। ତନ୍ମଧ୍ୟରେ ଉତ୍ତରା ଛକରୁ ମାଳତୀପାଟପୁର, ପୁରୀ ଗ୍ରୀଡ୍ ଷ୍ଟେସନରୁ କୋଣାର୍କ, ବାଲିଘାଇରୁ ନିମାପଡ଼ା, ମଙ୍ଗଳା ଘାଟରୁ ସାତପଡ଼ା, ମାଳତିପାଟପୁରରୁ ମଙ୍ଗଳାଘାଟ, ମଙ୍ଗଳାଘାଟରୁ ବଡଦାଣ୍ଡ, ପୁରୀ ବଡ଼ଦାଣ୍ଡ, ବଡ଼ଦାଣ୍ଡରୁ ସମୁଦ୍ରକୂଳ, ସମୁଦ୍ର କୂଳ ଅଂଚଳ, ବଡଦାଣ୍ଡରୁ ଗ୍ରୀଡ୍ ଷ୍ଟେସନ, ପାର୍କିଂ ସ୍ଥଳ, ବସ୍ ଷ୍ଟାଣ୍ଡ ଓ ରେଳ ଷ୍ଟେସନ ସହିତ ପୁରୀ ସହରର ଗଳି ଓ ଉପ ଗଳି ଆଦିରେ ବିଭିନ୍ନ ସ୍ଥାନରେ ଏହି ସମସ୍ତ ସିସିଟିଭି ଲଗାଯିବା ପାଇଁ ପ୍ରସ୍ତାବ ରଖାଯାଇଛି। ଏଥିପାଇଁ ଭିତ୍ତିଭୂମି ଓ ବୈଷୟିକ ଆବଶ୍ୟକତା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଆମର ସିସିଟିଭି ବ୍ୟବସ୍ଥା ଯେପରି ଜାତୀୟ ସ୍ତରୀୟ ହେବ, ସେଥିପ୍ରତି ଭିତ୍ତିଭୂମି ପ୍ରସ୍ତୁତି ଓ ବୈଷୟିକ ଜ୍ଞାନ କୌଶଳର ଉପଯୋଗ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ଏଥିସହିତ ରଥଯାତ୍ରା ପରିଚାଳନା ସଂପର୍କିତ ସମସ୍ତକାର୍ଯ୍ୟ ପ୍ରସ୍ତୁତି ପାଇଁ ମାନବ ପରିଚାଳନା ପଦ୍ଧତି (ଏସ.ଓ.ପି) ପ୍ରସ୍ତୁତି କରିବାକୁ ପୁଲିସ ପ୍ରଶାସନ ଓ ପୁରୀ ଜିଲ୍ଲାପାଳଙ୍କୁ ମୁଖ୍ୟଶାସନ ସଚିବ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଆଗାମୀ ରଥଯାତ୍ରା-୨୦୨୫ପରିପ୍ରେକ୍ଷୀରେ ସମନ୍ୱିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟରପରିଚାଳନା କେନ୍ଦ୍ର କାର୍ଯ୍ୟ କରିବ। ବିଭିନ୍ନ ବିଭାଗର ଅଧିକାରୀମାନେ ସେହି ନିୟନ୍ତ୍ରଣ କକ୍ଷରେ ରହି ବିଭାଗ ସମ୍ପର୍କିତ କାର୍ଯ୍ୟପରିଚାଳନା କରିବେ। ସିସିଟିଭି ସ୍ଥାପନ ଓ ସମନ୍ୱିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ଦ୍ୱାରା ସୁରକ୍ଷା, ଅପରାଧ ନିୟନ୍ତ୍ରଣ, ଭିଡ଼ ନିୟନ୍ତ୍ରଣ, ଆକସ୍ମିକ ଦୁର୍ଘଟଣା ଘଟିଲେ ଠିକ୍ ସମୟରେ ତ୍ୱରିତ ପଦକ୍ଷେପ ନିଆଯିବା ସହ ସମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା ଓ ଜରୁରୀ କାଳୀନ ପଦକ୍ଷେପ ନିଆଯାଇ ପାରିବ। ପୁରୀ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗତ ୨୦୨୪ ବର୍ଷ ରଥଯାତ୍ରାରେ ପୁରୀରେ ଗହଳିଓ ଭିଡ଼ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ପୂର୍ବ ଅନୁଭୂତି ଉପସ୍ଥାପନା କରିବା ସହିତ ଓ ଆଗାମୀ ୨୦୨୫ ରଥଯାତ୍ରା ପାଇଁ ପ୍ରସ୍ତୁତି ସଂପର୍କରେ ତଥ୍ୟ ରଖିଥିଲେ। ଉପସ୍ଥିତ ବରିଷ୍ଠ ପଦାଧିକାରୀ ମାନେ ମଧ୍ୟ ଆଗାମୀ ଶୃଙ୍ଖଳିତ ରଥଯାତ୍ରା ପ୍ରସ୍ତୁତି ନେଇ ନିଜ ନିଜର ସୁଚିନ୍ତିତ ମତ ଦେଇଥିଲେ।

# ଏକାମ୍ର ହାଟରେ ସ୍ୱତନ୍ତ୍ର ହସ୍ତତନ୍ତ ପ୍ରଦର୍ଶନୀ ଉଦଘାଟିତ



**ଭୁବନେଶ୍ୱର,୨୫।୨ (ମହାଭାରତ):** ମହିଳା ବୁଣାକାରମାନେ ହେଉଛନ୍ତି ଓଡ଼ିଶା ବୟନ ଅର୍ଥନୀତିର ମେରୁଦଣ୍ଡ। ପୁରାତନ ଓ ନୂତନ ବୟନ କଳାର ଅଭିନବ ସମିଶ୍ରଣ ଦ୍ୱାରା ସେମାନେ ପ୍ରସ୍ତୁତ କରୁଛନ୍ତି ଆକର୍ଷଣୀୟ ବୟନ ଉତ୍ପାଦ। ସ୍ଥାନୀୟ ଏକାମ୍ର ହାଟଠାରେ ମହିଳା ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ସାମଗ୍ରୀର ସ୍ୱତନ୍ତ୍ର ପ୍ରଦର୍ଶନୀକୁ ଉଦଘାଟନ କରି ଏହା କହିଛନ୍ତି ମୁଖ୍ୟ ଅତିଥି ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ। ଉଦଘାଟନୀ ସମାରୋହରେ ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ ଯୋଗଦେଇ କହିଛନ୍ତି, ମହିଳା ବୁଣାକାରମାନଙ୍କର ଶ୍ରମ ଓ ବୟନଭିତ୍ତିକ ନବସୃଜନ ଓଡ଼ିଶାକୁ ନୂଆ ପରିଚୟ ଦେଇଛି। ସେମାନଙ୍କ ପ୍ରଚେଷ୍ଟାକୁ ଅଧିକ ପ୍ରେରିତ କରିବା ସହ ସେମାନଙ୍କର ଆର୍ଥିକ ସଶକ୍ତିକରଣ ଦିଗରେ ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ଏକ ପ୍ରକୃଷ୍ଟ ମଞ୍ଚ। ରାଜ୍ୟ ହସ୍ତତନ୍ତ ପୁଞ୍ଜି ବିକାଶ ସଂସ୍ଥା ଦ୍ୱାରା ଆୟୋଜିତ ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ୧୦ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଚାଲିବ। ଦିବା ୧୧ ଟାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଖୋଲା ରହିବ। ଏଥର ମୋଟ ୩୩ ଟି ଷ୍ଟଲ ଖୋଲାଯାଇଛି। ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ବରଗଡ଼, କଟକ, ସୋନପୁର, ଆଠଗଡ଼, ବୌଦ୍ଧ, ବଲାଙ୍ଗିର, ଖୋର୍ଦ୍ଧା, ବାରିପଦା, ବାଲେଶ୍ୱର, ବ୍ରହ୍ମପୁର, ନୟାଗଡ଼, ଢେଙ୍କାନାଳ, କୋରାପୁଟ, ସୁନ୍ଦରଗଡ ଅଂଚଳରୁ ଅଂଶ ଗ୍ରହଣ କରିଥିବା ମହିଳା ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କର ହସ୍ତତନ୍ତ ଉତ୍ପାଦ ଯଥା ଶାଢ଼ି, ପୋଷାକ ସାମଗ୍ରୀ, କପଡ଼ା, ଘର ସାଜସଜ୍ଜା ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରୟ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରିଛି। ଉଦଘାଟନ ଉତ୍ସବରେ ବୟନଶିଳ୍ପ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ଇନ୍ଦିରା ବେହେରା, ଯୁଗ୍ମ ସଚିବ ମମତା ନାୟକ, ରେଶମ ଚାଷର ଅତିରିକ୍ତ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ବୟନଶିଳ୍ପର ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦୀ, ଯୁଗ୍ମ ନିର୍ଦ୍ଦେଶକ ଶିଶିର କୁମାର ରଥ, ଉପ-ନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ରାଜ୍ୟ ହସ୍ତତନ୍ତ ପୁଞ୍ଜି ବିକାଶ ସଂସ୍ଥାର ଅଧିକାରୀ ଓ କର୍ମକର୍ତ୍ତା, ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ବସ ଧକ୍କାରେ ୨ ଗୁରୁତର

**ଭୁବନେଶ୍ୱର,୨୫।୨ (ମହାଭାରତ):** ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ରେଳ ଷ୍ଟେସନ ନିକଟ ବସ୍‌ଷ୍ଟାଣ୍ଡରେ ଠିଆ। ହୋଇଥିବା ବେଳେ ଦୁଇ ଜଣ ଯୁବକଙ୍କୁ ମୋ ବସ ଧକ୍କା ଦେବା ଘଟଣାରେ ଡ୍ରାଇଭର ଓ ଗାଇଡଙ୍କୁ ବାହାର କରିଦିଆଯାଇଛି। ଆହତ ଦୁଇ ଯୁବକଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଯୁବକମାନେ ହେଉଛନ୍ତି ପୁରୀର ରଞ୍ଜିତ ବେହେରା ଏବଂ ହୃଦାନନ୍ଦ। ତେବେ ଜଣଙ୍କର ଗୋଡ଼ରେ ପ୍ରବଳ ଆଘାତ ଲାଗିଥିବା ବେଳେ ଅନ୍ୟ ଜଣଙ୍କର କାନ୍ଧରେ ଆଘାତ ଲାଗିଥିଲା। ଅପରପକ୍ଷରେ ମୋ ବସ୍ ପରିଚାଳନା କରୁଥିବା କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ) ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଉଭୟ ଡ୍ରାଇଭର ଓ ଗାଇଡଙ୍କୁ ତୁରନ୍ତ ବହିଷ୍କାର କରାଯାଇଛି। ଏକ ବିବୃତ୍ତିରେ କ୍ରୁଟ କହିଛି ଯେ ବାହାରେ ଗରମ ଥିବାରୁ ବସ୍ ପାଖରେ ଦୁଇଜଣ ଯାତ୍ରୀ ବସିଥିଲେ। ଲୋକମାନେ ବସ୍ ତଳେ ବସିଥିବା ଜାଣିନପାରି ଡ୍ରାଇଭର ଗାଡ଼ି ଷ୍ଟାର୍ଟ କରିଥିଲେ।

# ଏକାମ୍ର ସାଂସ୍କୃତିକ ପ୍ରକାଶନୀର ଜାତୀୟସ୍ତରୀୟ ଭଜନ ସମାରୋହ

**ଭୁବନେଶ୍ୱର,୨୫।୨ (ମହାଭାରତ):** ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଲିଙ୍ଗରାଜ ଲାଇବ୍ରେରୀ ହଲ୍‌ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁରେଶ କୁମାର ରାଉତରାୟ ଓ ସାଧାରଣ ସାମ୍ପାଦକ ସନତ ମିଶ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ଜାତୀୟସ୍ତରୀୟ ଏହି ଭଜନ ସମାରୋହ ଚଳିତବର୍ଷ ୩୬ବର୍ଷ ପାଳନ କରିବ। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ବ୍ୟାପକ ଉଦ୍ୟମ ହୋଇଛି। ମୁମ୍ବାଇର ଖ୍ୟାତନାମା କଣ୍ଠଶିଳ୍ପୀ ଉଷା ଉଥପ, ଅନୁରାଧା ପଡୱାଲ, ଅଭିଜିତ ଘୋଷାଲ, କୁମାର ସଞ୍ଜୟ, ପ୍ରତ୍ୟୋଷ ଶର୍ମା, ମଧୁମିତା ପାଉଲଙ୍କ ସମେତ ଓଡ଼ିଶାର ୨୫ରୁ ଉର୍ଦ୍ଧ୍ୱ ଖ୍ୟାତନାମା କଣ୍ଠଶିଳ୍ପୀ ଯୋଗଦାନ କରିବେ। ଦିନ ଭୋର ୪ ଘଟିକାରୁ ଶଙ୍ଖଧ୍ୱନି, ବେଦପାଠ, ଶିବ ସହସ୍ରନାମ, ଭାଗବତ, ଗୀତା ପାଠ, ଶିବ ଚେତନା, ହରି ଭଜନ, ରାମ ଚରିତ ପାରାୟଣ କରାଯିବ। ସନ୍ଧ୍ୟାରେ ପ୍ରବଚନ ଅନୁଷ୍ଠିତ ହେବ। ଏହାପରେ ଜାତୀୟସ୍ତରୀୟ ଭଜନ ସମାରୋହ ଆୟୋଜନ କରାଯିବ। ଚଳିତବର୍ଷ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ୨୨ତମ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯିବ। ଏହି ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ଉଷା ଉଥପ, ଅନୁରାଧା ପଡୱାଲ, ଅଭିଜିତ ଘୋଷାଲ, କୁମାର ସଞ୍ଜୟ, ପ୍ରତ୍ୟୋଷ ଶର୍ମା, ମଧୁମିତା ପାଉଲ, ଡ. ମୃତ୍ୟୁଞ୍ଜୟ ମହପାତ୍ର, ପ୍ରସନ୍ନ କୁମାର ସ୍ୱାଇଁ, ଜିତୁ ଦାସ, ପଙ୍କଜ ଲୋଚନ ମହାନ୍ତି, ଭାଗବତ ସାହୁ, ଚନ୍ଦ୍ରୟନନ୍ଦ ବଡ଼ଜେନା, ମାଧବାନନ୍ଦ ବେହୁରା, କେ ମୁରୁଗାସନ, ରାଜୀବ ଶେଖର ସାହୁ, ପ୍ରେମାନନ୍ଦ, ଡ. ବଦ୍ରୀନାଥ ପଟ୍ଟନାୟକ, ଦୀପକ ଦାଶ, ସତ୍ୟ ରଞ୍ଜନ ସେନାପତି, ଡ. ଶଙ୍କର ଆଚାର୍ଯ୍ୟ, ଡ. ତିରୁପତି ପାଣିଗ୍ରାହୀ, ଶ୍ରୀବତ୍ସ ପତି ଓ ଇପ୍‌ସିତା ଦାସ ପ୍ରମୁଖ ୨୩ଜଣଙ୍କୁ ଏକାମ୍ରଶ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯବ।

# ବିଜେପି ହାତରେ ଦିଲ୍ଲୀ

ରାଜସ୍ଥାନ, ମଧ୍ୟପ୍ରଦେଶ, ହରିୟାନା, ଛତିଶଗଡ଼, ଓଡ଼ିଶା ସବୁଠି ବିଜେପି ଏହି ନୀତି ଅନୁସରଣ କରିଆସୁଛି । ଏବେ ଦିଲ୍ଲୀରେ ଏହାର ଉଦାହରଣ ଦେଖିବାକୁ ମିଳିଛି । ବିଜେପି କେନ୍ଦ୍ରୀୟ ନେତୃତ୍ୱ ଏହି ପଦ ନିମନ୍ତେ ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିବା ରେଖା ଗୁପ୍ତାଙ୍କୁ ମନୋନୀତ କରାଯାଇଛି । ଦିଲ୍ଲୀର ନବମ ମୁଖ୍ୟମନ୍ତ୍ରୀ ଭାବେ ସେ ଶପଥ ଗ୍ରହଣ କରିଛନ୍ତି । ସେ ହେଉଛନ୍ତି ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ । ସୁଷମା ସ୍ୱରାଜ ଏବଂ ଆତିଶୀ ଖୁବ କମ ଦିନ ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହୋଇଥିଲେ । କିନ୍ତୁ କଂଗ୍ରେସର ଶୀଲା ଦୀକ୍ଷିତ ଦୀର୍ଘ ୧୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ପଦରେ ଥିଲେ । ଏବେ ରେଖା ଗୁପ୍ତା ବେଶ କିଛି ବର୍ଷ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦ ଅକ୍ତିଆର କରିବେ ବୋଲି ଆଶା କରି ବିଜେପି ତାଙ୍କ ଉପରେ ଭରସା କରିଛି । ଦିଲ୍ଲୀର ଶାଳିମାରବାଗ ବିଧାନସଭା ଆସନରୁ ସେ ପ୍ରଥମ ଥର ପାଇଁ ବିଜୟୀ ହୋଇଛନ୍ତି । ପ୍ରଥମ ଥର ପାଇଁ ବିଜୟୀ ହେଲେ ମଧ୍ୟ ମୁଖ୍ୟମନ୍ତ୍ରୀ ହେବାରେ କିଛି ଅସୁବିଧା ନାହିଁ । ଅରବିନ୍ଦ କେଜରିୱାଲ ଏବଂ ଆତିଶୀ ମଧ୍ୟ ପ୍ରଥମ ଥର ପାଇଁ ବିଧାୟକ ହୋଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହୋଇଥିଲେ । ବିଜେପିରେ ଏହି ପରମ୍ପରାର ଲମ୍ବା ଇତିହାସ ରହିଛି । ବିଜେପିରେ ବରିଷ୍ଠତା, ଅଭିଜ୍ଞତା ନୁହେଁ, ଦଳୀୟ ସଙ୍ଗଠନକୁ ମଜବୁତ କରିବାରେ ଯାହାର ଯୋଗଦାନ ଅଧିକ ରହିଥିବ, ଯିଏ ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିଥିବ ତାଙ୍କୁ ପୁରସ୍କୃତ କରାଯାଏ । ନରେନ୍ଦ୍ର ମୋଦି ପ୍ରଥମେ ମୁଖ୍ୟମନ୍ତ୍ରୀ , ପରେ ବିଧାୟକ ହୋଇଥିଲେ । ଦଳ ପ୍ରତି ତାଙ୍କର ନିଷ୍ଠା, ଆନୁଗତ୍ୟ ଏବଂ ଉତ୍ସର୍ଗ ଲାଗି ତାଙ୍କୁ ଗୁଜରାଟ ମୁଖ୍ୟମନ୍ତ୍ରୀ କରାଯାଇଥିଲା । ବିଜେପିର ଏହି ନୀତି କିପରି ସଫଳ ହେଲା ତାହା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ନରେନ୍ଦ୍ର ମୋଦି ୨୦୧୪ରେ ପ୍ରଥମ ଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ । ରାଜୀବ ଗାନ୍ଧି ମଧ୍ୟ ପ୍ରଥମ ଥର ପାଇଁ ସାଂସଦ ହୋଇ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ । ମନମୋହନ ସିଂହ ଆଦୌ ଲୋକସଭାକୁ ନିର୍ବାଚିତ ନହୋଇ ୫ ବର୍ଷ ଅର୍ଥମନ୍ତ୍ରୀ ଏବଂ ୧୦ ବର୍ଷ ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଥିଲେ । ବିଜେପିରେ ଦଳୀୟ ସଙ୍ଗଠନ ହେଉଛି ସର୍ବାଗ୍ରେ । ଏଥିପାଇଁ ବିଜେପି କ୍ରମାଗତ ସଫଳତା ପାଇ ଆସୁଛି । ବିଜେପିରେ ବଂଶବାଦକୁ ଗୁରୁତ୍ୱ ଦିଯାଏନି । ସଫଳତା ପାଇଁ ଏଠାରେ ନିଜସ୍ୱ ନିଷ୍ଠା ଏବଂ ପରିଶ୍ରମକୁ ପ୍ରାଥମିକତା ଦିଯାଏ । ରାଜସ୍ଥାନ, ଛତିଶଗଡ଼, ହରିୟାନା, ମଧ୍ୟପ୍ରଦେଶ ଏବଂ ଓଡ଼ିଶାରେ ଏହି ଆଧାରରେ ନୂଆ ମୁଖ୍ୟମନ୍ତ୍ରୀ ଚୟନ କରାଯାଇଛି । ଦିଲ୍ଲୀରେ ଏଥର ଜଣେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ପଦ ମିଳିବ ବୋଲି ଚର୍ଚ୍ଚା ଚାଲିଥିଲା । ଶେଷରେ ତାହା ହିଁ ହେଲା । ବୁଧବାର ବିଜେପି ବିଧାୟକ ଦଳ ବୈଠକରେ ରେଖାଙ୍କୁ ନେତାଭାବେ ନିର୍ବାଚିତ କରାଯାଇଥିଲା । ଗୁରୁବାର ସେ ଶପଥ ଗ୍ରହଣ କରିଛନ୍ତି । ଦଳର କେନ୍ଦ୍ରୀୟ ନେତୃତ୍ୱ ଚାହୁଁଥିଲେ ଜଣେ ମହିଳା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହୁଅନ୍ତୁ । ସେଥିପାଇଁ ଅନେକ ଦାବିଦାର ଥିଲେ । କିନ୍ତୁ ରେଖା ଗୁପ୍ତାଙ୍କୁ ଏଥିପାଇଁ ଚୟନ କରାଗଲା । କାରଣ ସେ ଦଳର ଜଣେ ସକ୍ରିୟ ଏବଂ ଉତ୍ସର୍ଗୀକୃତ କର୍ମକର୍ତ୍ତା ଭାବେ ପରିଚିତ । ଅନ୍ୟାନ୍ୟ ରାଜ୍ୟରେ ବିଜେପି ବିଧାନସଭା ନିର୍ବାଚନରେ ଜିତିବା ପରେ ଅନେକ ବରିଷ୍ଠ ନେତାଙ୍କ ନାମ ମୁଖ୍ୟମନ୍ତ୍ରୀ ପଦ ପାଇଁ ଚର୍ଚ୍ଚାକୁ ଆସିଛି । କିନ୍ତୁ ଦଳୀୟ ନେତୃତ୍ୱ ଆଶ୍ଚର୍ଯ୍ୟଜନକ ଭାବେ ଏଭଳି ଜଣେ ନେତାଙ୍କୁ ଚୟନ କରିଛି ଯିଏ କେବେ ରେସରେ ହିଁ ନଥାନ୍ତି । ରେଖା ଗୁପ୍ତା ପ୍ରଥମ ଥର ପାଇଁ ଦିଲ୍ଲୀ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି । ୧୯୯୨ରେ ଏବିଭିପିରୁ ଛାତ୍ର ରାଜନୀତି ଆରମ୍ଭ କରିଥିବା ରେଖା ୧୯୯୬-୯୭ରେ ଦିଲ୍ଲୀ ବିଶ୍ୱବିଦ୍ୟାଳ ଛାତ୍ର ସଂସଦର ସଭାପତି ମଧ୍ୟ ରହିଥିଲେ ।

# ଶିବ ଧର୍ମ

॥ ଡଃ.ଅରୁନ୍ଧତୀ ଦେବୀ ॥

ମହାଶିବ ରାତ୍ରୀ ଅର୍ଥାତ୍ ଫାଲଗୁନ୍ କୃଷ୍ଣ ଚତୁର୍ଦ୍ଦଶୀ ହେଉଛି ଦିବ୍ୟ ଜ୍ୟୋର୍ତିଲିଙ୍ଗ ପ୍ରକଟ ହେବାର ଶୁଭ ସମୟ । ଏହି ସମୟରେ ଶିବ ଭକ୍ତିରେ ତଲ୍ଲୀନ ହୋଇ ଭକ୍ତ ପରମ ସୁଖ ପ୍ରାପ୍ତି କରିପାରିବ । ମହାଶିବ ରାତ୍ରୀରେ ଶିବ ସାଧନା ଏବଂ ରହସ୍ୟକୁ ଜାଣିବା ପରେ ଅନେକ ସମସ୍ୟାରୁ ମୁକ୍ତି ମିଳିପାରିବ । ଶାସ୍ତ୍ରରେ ଭଗବାନ ଶିବଙ୍କୁ ବେଦ ଅର୍ଥାତ୍ ଜ୍ଞାନ ସ୍ୱରୂପ ଭାବେ ବିବେଚନା କରାଯାଇଥାଏ । ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ । ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର । ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ । ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି । ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ । ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ । ସେ ଚତୁଷ୍ପଦ । ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ ।



ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ । ସେଥିପାଇଁ ଶିବ ଭକ୍ତି ମନର ଚଞ୍ଚଳତାକୁ ରୋକିବା ସହ ବ୍ୟକ୍ତିକୁ ଦୁଃଖ ଏବଂ ଦୁର୍ଗତୀରୁ ରକ୍ଷା କରିଥାଏ । ତେବେ ତନ, ମନ ଓ ବଚନ ଦ୍ୱାରା ବାସ୍ତବ ଶିବ ଭକ୍ତି, ଉପାସନା, ସାଧନା ଏବଂ ସେବାର ସଠିକ୍ ଉପାୟ ଶିବ ପୁରାଣରେ ଉଲ୍ଲେଖ ରହିଛି । ଏହାକୁ ଶିବ ଧର୍ମ କୁହାଯାଇଥାଏ । ଶିବ ପୁରାଣ ଅନୁଯାୟୀ, ଭକ୍ତିର ତିନୋଟି ସ୍ୱରୂପ ରହିଛି, ମାନସିକ ବା ମନରୁ ଭକ୍ତି, ବାଚନିକ ବା କଥନରୁ ଭକ୍ତି ଏବଂ ଶାରୀରିକ ଅର୍ଥାତ୍ ଶରୀର ଦ୍ୱାରା ଭକ୍ତି । ଶିବଙ୍କ ସ୍ୱରୂପର ଚିନ୍ତନ କରି ମନ ଦ୍ୱାରା ଜପ କରିବ ବଚନ ଦ୍ୱାରା ଏବଂ ପୂଜା କରି ଶରୀର ଦ୍ୱାରା କରାଯାଇପାରିବ । ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧ୍ୟମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ । ଶିବଙ୍କୁ ନବଗ୍ରହଙ୍କ ଏକ ପରଶମଣି କହିଲେ ଅତ୍ୟୁକ୍ତି ହେବନାହିଁ । ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ । ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ ।

ଓଡ଼ିଶାରେ ଶିବଙ୍କ ଉଦ୍ଦେଶ୍ୟରେ ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଯେଉଁ ପର୍ବ ପାଳିତ ହୁଏ, ତାହା ମହାଶିବରାତ୍ରି ପର୍ବ ଭାବରେ ସର୍ବଜନ ବିଦିତ । ଏହିଦିନ ଶିବ ବ୍ରତ ପାଳନ କରି ମନୁଷ୍ୟ ତ୍ରିତାପରୁ ମୁକ୍ତିଲାଭ କରେ ଓ ଶିବ ସନ୍ତୁଷ୍ଟ ହୋଇ ମାନବ ସମାଜର କଲ୍ୟାଣ ସାଧନ କରନ୍ତି । ଶିବରାତ୍ରି ବ୍ରତର ଉପବାସ, ଜାଗରଣ ଓ ଶିବପୂଜା ପ୍ରଧାନ । ବ୍ରତର ଅର୍ଥ ବେଦବୋଧିତ ଇଷ୍ଟ ପ୍ରାପ୍ତି ନିମିତ୍ତ କର୍ମ । ଦାର୍ଶନିକମାନେ ଅଭ୍ୟୁଦୟ ଓ ନିଃଶ୍ରେୟସ କର୍ମକୁ ବ୍ରତ କୁହନ୍ତି । ବ୍ରତ ଅର୍ଥ ନିୟମ । ପୁରାଣରେ ବ୍ରତ - ଧର୍ମ ଅଟେ । ଯେଉଁ କର୍ମ ଦ୍ୱାରା ଭଗବାନଙ୍କର ସାନିଧିଲାଭ ହୋଇଥାଏ, ତାକୁ ବ୍ରତ କୁହାଯାଏ । ଉପବାସ ଜୀବାତ୍ମାର ଶିବଙ୍କ ସମୀପରେ ବାସ କରିବାକୁ ଉପବାସ କୁହାଯାଏ । ଦେବୀ ପୁରାଣରେ ଉଲ୍ଲେଖ ଅଛି, ଭଗବାନ ଶିବଙ୍କର ଧ୍ୟାନ, ଜପ, ତାଙ୍କର ସ୍ନାନ (ଅଭିଷେକ) ଓ ତାଙ୍କର ମହିମା ଶ୍ରବଣ କୀର୍ତ୍ତନ କରି କାଳଯାପନ କରିବା ଉପବାସ କରୁଥିବା ବ୍ୟକ୍ତିର କର୍ତ୍ତବ୍ୟ । ବ୍ରତୀ ନିମିତ୍ତ ସମସ୍ତ ପ୍ରକାର ବିଷୟ ଭୋଗର ବର୍ଜନ ଅତ୍ୟନ୍ତ ପ୍ରୟୋଜନ । କେବଳ ଅନଶନ କରିବାକୁ ଉପବାସ କୁହାଯାଏନା । ଜାଗରଣ-ମୁମୁକ୍ଷୁ ଜୀବାତ୍ମା ନିମିତ୍ତ ଜାଗରଣର ଆବଶ୍ୟକ ଅଛି । 'ଯାନିଶା ସର୍ବଭୂତାନାଂ ତସ୍ୟାଂ ଜାଗ୍ରତୀ ସଂଯମୀ' ବିଷୟାସକ୍ତ ସଂସାରୀ ଲୋକଙ୍କ ପାଇଁ ଯେ ରାତ୍ରୀ, ସେହି ସମୟରେ ସଂଯମୀ ବ୍ୟକ୍ତି ଜାଗ୍ରତ ରୁହେ । ତେଣୁ ଶିବରାତ୍ରିରେ ଜାଗରଣ ରହିବା ଆବଶ୍ୟକ ।

ଶିବପୂଜାର ଅର୍ଥ, ପୁଷ୍ପ, ଚନ୍ଦନ, ବିଲ୍ୱପତ୍ର ଅର୍ପଣ କରିବା ସଙ୍ଗେ ସଙ୍ଗେ ଶିବନାମର ଜପଧ୍ୟାନ କରିବା ଦ୍ୱାରା ଚିତ୍ତ ବୃତ୍ତି ନିରୋଧ ହୋଇ ଜୀବ ପରମାତ୍ମା ଶିବଙ୍କ ସହିତ ମିଳନ ହେବା । ଏହା ହିଁ ବାସ୍ତବିକ୍ ଶିବପୂଜା । ମନୁଷ୍ୟର ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ ସହିତ ମନ, ଅହଙ୍କାର ଚିତ୍ତ ଓ ବୁଦ୍ଧିକୁ ନିରୋଧ କରି ଶିବରାତ୍ରି ପାଳନ କରିବା ବାସ୍ତବ ଶିବରାତ୍ରି ଅଟେ । କର୍ମଯୋଗ କିମ୍ବା ଜ୍ଞାନଯୋଗ ଦ୍ୱାରା ହେଉ ଭକ୍ତିର ସମ୍ମିଶ୍ରଣ ଦୁଇଙ୍କ ମଧ୍ୟରେ ରହିବା ଜ୍ଞାନ ପ୍ରଧାନ । ଜ୍ଞାନପ୍ରଧାନ ଭକ୍ତି ଅଥବା କର୍ମପ୍ରଧାନ ଭକ୍ତି ଦ୍ୱାରା ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ବ୍ରତ ପାଳନ କଲେ ମୁକ୍ତିମିଳେ । ସମସ୍ତ ମନୁଷ୍ୟଙ୍କ ନିମିତ୍ତ ମହାଶିବରାତ୍ରି ବ୍ରତ କଲ୍ୟାଣକାରୀ ଅଟେ । ଶିବଙ୍କ ମନ୍ଦିରରେ ମହାଦୀପ ଜଳାଇବା ଅର୍ଥ ନିଜର ସହସ୍ରାରେ ଜ୍ୟୋତିଃ ଦର୍ଶନ କରି ରାତ୍ରିଉଜାଗର ହେଲେ, ଶିବଙ୍କ ସହିତ ଶକ୍ତିଙ୍କର ମିଳନ ଦ୍ୱାରା ଜୀବନ୍ମୁକ୍ତ ହୋଇଥାଏ । ସନାତନ ଧର୍ମରେ ବ୍ରତ ସହିତ ମନୁଷ୍ୟର ଆଧ୍ୟାତ୍ମିକ ବିକାଶ ପ୍ରଚ୍ଛନ୍ନ ଭାବରେ ଜଡ଼ିତ ରହିଅଛି । ତେଣୁ - ''ଶୁନ୍ୟ ଶୁନ୍ୟ ମହାଶୁନ୍ୟ ଶୁନ୍ୟ ମଧ୍ୟ ନିରାମୟ, ନିରାମୟ ମଧ୍ୟେ ଜ୍ୟୋତିଃ ସଃ ଜ୍ୟୋତି ଭଗବାନୟୋ'' ହେ ପରମ ଜ୍ୟୋତି ସ୍ୱରୂପ ପରମ ଶିବ ଏ ମର ସଂସାରର ସମସ୍ତ ପ୍ରାଣୀଙ୍କୁ ଅଜ୍ଞାନରୂପୀ ଅନ୍ଧକାରରୁ ଆଲୋକ ଦିଗକୁ ଏବଂ ଅସତ୍ୟରୁ ସତ୍ୟ ଦିଗକୁ ନେଇ ଯାଆନ୍ତୁ । ମହାଶିବରାତ୍ରି ପାଳନ ଅବସରରେ ଏହା ହିଁ କାମନା । ''ଅସତୋମାଂ ସଦ୍‌ଗମୟ, ତମସୋମାଂ ଜ୍ୟୋତିର୍ଗମୟ, ମୃତ୍ୟୁ ମାଂ ଅମୃତୋ ଗମୟ'' ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

" ଶିବପୂଜାର ଅର୍ଥ, ପୁଷ୍ପ, ଚନ୍ଦନ, ବିଲ୍ୱପତ୍ର ଅର୍ପଣ କରିବା ସଙ୍ଗେ ସଙ୍ଗେ ଶିବନାମର ଜପଧ୍ୟାନ କରିବା ଦ୍ୱାରା ଚିତ୍ତ ବୃତ୍ତି ନିରୋଧ ହୋଇ ଜୀବ ପରମାତ୍ମା ଶିବଙ୍କ ସହିତ ମିଳନ ହେବା । ଏହା ହିଁ ବାସ୍ତବିକ୍ ଶିବପୂଜା । ମନୁଷ୍ୟର ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ ସହିତ ମନ, ଅହଙ୍କାର ଚିତ୍ତ ଓ ବୁଦ୍ଧିକୁ ନିରୋଧ କରି ଶିବରାତ୍ରି ପାଳନ କରିବା ବାସ୍ତବ ଶିବରାତ୍ରି ଅଟେ । କର୍ମଯୋଗ କିମ୍ବା ଜ୍ଞାନଯୋଗ ଦ୍ୱାରା ହେଉ ଭକ୍ତିର ସମ୍ମିଶ୍ରଣ ଦୁଇଙ୍କ ମଧ୍ୟରେ ରହିବା ଜ୍ଞାନ ପ୍ରଧାନ । ଜ୍ଞାନପ୍ରଧାନ ଭକ୍ତି ଅଥବା କର୍ମପ୍ରଧାନ ଭକ୍ତି ଦ୍ୱାରା ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ବ୍ରତ ପାଳନ କଲେ ମୁକ୍ତିମିଳେ ।

# ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ : ବିଜ୍ଞାନ ଶିକ୍ଷାର ଉତ୍ସ

॥ ଡକ୍ଟର ଶ୍ରୀମତୀ ଦୀପା ନାଗ୍ ॥

ଓଡ଼ିଶାର ଅନ୍ୟତମ ମର୍ଯ୍ୟାଦାପୂର୍ଣ୍ଣ ଓ ସର୍ବପୁରାତନ ବିଜ୍ଞାନ ମହାବିଦ୍ୟାଳୟ ଭାବେ କଟକର ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠିତ । ଓଡ଼ିଶାରେ ବିଜ୍ଞାନର ପ୍ରଚାର ପ୍ରସାର ଦିଗରେ ଏହି ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଓ ପ୍ରେରଣାପ୍ରଦ ଅବଦାନ ରହିଛି । ଓଡ଼ିଶା ରାଜ୍ୟରେ ଗୁଣାତ୍ମକ ବିଜ୍ଞାନ ଶିକ୍ଷାର ପ୍ରସାର ନିମନ୍ତେ ରୌପ୍ୟ ନଗରୀ କଟକର କେନ୍ଦ୍ରସ୍ଥଳୀରେ ୧୯୪୪ ମସିହାରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ସ୍ଥାପନା କରାଯାଇଥିଲା । ଏହା ଏକ ଖ୍ରୀଷ୍ଟିଆନ ଲଘୁ ସଂପ୍ରଦାୟ ଅନୁଷ୍ଠାନ । ଓଡ଼ିଶା ସରକାରଙ୍କର ଅନୁଦାନ ପ୍ରାପ୍ତ ଏବଂ କଟକ ଡାୟୋସିସ୍ ଦ୍ୱାରା ପରିଚାଳିତ ଏହି ମହାବିଦ୍ୟାଳୟଟି ଭାରତ ବର୍ଷର ସ୍ୱାଧୀନତା ପୂର୍ବରୁ ଆଜି ପର୍ଯ୍ୟନ୍ତ ଉଚ୍ଚକୋଟୀର ଶିକ୍ଷାଦାନ କରିବା ସହିତ ଉତ୍ତମ ନାଗରିକ ମାନଙ୍କୁ ଗଠନ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ।



ଏହି ମହାବିଦ୍ୟାଳୟରେ ଯୁକ୍ତତିନ ପାଠ୍ୟକ୍ରମରେ ବିଜ୍ଞାନର ସାତୋଟି ବିଭାଗରେ ସମ୍ମାନରେ ଶିକ୍ଷାଦାନ କରାଯାଉଛି । ସେହି ବିଷୟ ଗୁଡ଼ିକ ହେଲା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ, ଭୂତତ୍ତ୍ୱ ଏବଂ କମ୍ପ୍ୟୁଟର ବିଜ୍ଞାନ । ପ୍ରତ୍ୟେକ ବିଭାଗରେ ଯୋଗ୍ୟ ଏବଂ ଅଭିଜ୍ଞ ଶିକ୍ଷକ ଓ ଡେମୋନଷ୍ଟ୍ରେଟରମାନେ ଛାତ୍ରଛାତ୍ରୀ ମାନଙ୍କୁ ଥିଓରି ଏବଂ ପ୍ରାକ୍ଟିକାଲ ଶ୍ରେଣୀରେ ଯତ୍ନର ସହିତ ଶିକ୍ଷାଦାନ କରନ୍ତି । ପାଠପଢ଼ାଇବା ସହିତ ପିଲାମାନଙ୍କର ସୁଚରିତ୍ର ଗଠନ ଦିଗରେ ମଧ୍ୟ ଧ୍ୟାନ ଦିଆଯାଏ । ମହାବିଦ୍ୟାଳୟର ବିଜ୍ଞାନଗାର ଗୁଡ଼ିକ ଖବୁ ଉଚ୍ଚକୋଟୀର । ଯୁକ୍ତତିନି ପାଠ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଉପକରଣ ଏବଂ ରାସାୟନିକ ଯଥେଷ୍ଟ ପରିମାଣରେ ଉପଲବ୍ଧ । ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷା ମାନଙ୍କରେ ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର କୃତୀତ୍ୱରେ ଶିକ୍ଷାର ମାନ ପ୍ରତିଫଳିତ ହେଉଛି । ପ୍ରାୟ ପ୍ରତ୍ୟେକ ବର୍ଷ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଥାନ ତଥା ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରୁଛନ୍ତି । ଏହାର ଯୁକ୍ତଦୁଇ ଶିକ୍ଷାଦାନ ମଧ୍ୟ ଖୁବ ଉଚ୍ଚକୋଟୀର । ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବା ପରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଛନ୍ତି । ପରବର୍ତ୍ତୀ ସମୟରେ ବିଭିନ୍ନ ଉଚ୍ଚ ପଦପଦବୀରେ ସେମାନେ ଅଧିଷ୍ଠିତ । ପାଠପଢ଼ା ସହିତ ଏହି ମହାବିଦ୍ୟାଳୟର ପିଲାମାନେ ଏନସିସି, ଏନଏସଏସ ଏବଂ ୱାଇଆରସିର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି । ସଂଗୀତ, ନୃତ୍ୟ, ଯୋଗ, କୁଇଜ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତାରେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି । ଏହି ସମସ୍ତ କାର୍ଯ୍ୟକ୍ରମ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଅବଗତ ଏବଂ ଉତ୍ସାହିତ କରିବାରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ । ଏହି କୃତୀତ୍ୱପୂର୍ଣ୍ଣ ବିଜ୍ଞାନମହାବିଦ୍ୟାଳୟରୁ ଅନେକ ପ୍ରତିଭାବାନ ମେଧାବୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଯାହାକି ସେମାନେ ଏହି ବିଦ୍ୟାଳୟର ଜଣେ ଜଣେ ପ୍ରତିଭା ଗୌରବ ବିମଣ୍ଡିତ ଆସନରେ ଆଜି ଅଧିଷ୍ଠିତ । ଆଜି ଏହି ବିଦ୍ୟାଳୟ ତାର ୭୯ତମ ବାର୍ଷିକ ଉତ୍ସବ ପାଳନ କରୁଛି । ଏ କ୍ଷେତ୍ରରେ ହଜାର ବର୍ଷର ପରିଚୟ ସମୃଦ୍ଧିରେ ପ୍ରତିଷ୍ଠିତ କଟକ ସହରର ପ୍ରତିଟି କଟକିଆଙ୍କ ସହଯୋଗ ଓ ଭୂମିକା ରହିଛି । ଆଜି ଆମେ ଅତ୍ୟନ୍ତ ଗୌରବାମହ ମନେକରୁଛୁ ଯେ ଏହି ବିଦ୍ୟାଳୟ ତାର ସୁନାମ ପ୍ରତିଷ୍ଠା କରିବାରେ ଓ ବଜାୟ ରଖିବାରେ ସଫଳ ହୋଇଛି । କେବଳ ପାଠପଢ଼ା ନୁହେଁ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନର ଅନ୍ୟତମ ଉତ୍କୃଷ୍ଟ ଓ ଉତ୍କର୍ଷ ଗବେଷଣା ସହ କ୍ରୀଡ଼ା ଓ ସାଂସ୍କୃତିକ ଓ ବୌଦ୍ଧିକର ବିଭିନ୍ନ ଦିଗରେ ପ୍ରତିଷ୍ଠିତ ହୋଇ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି । ଅନେକ ବିଜ୍ଞାନ ଶିକ୍ଷାବିତ, ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟରଙ୍କ ଠାରୁ କ୍ରୀଡ଼ାବିତ, ସୁଲେଖକଙ୍କ ଠାରୁ ସାମ୍ବାଦିକ, ମହାକାଶବିଜ୍ଞାନୀଙ୍କ ଠାରୁ ବିଜ୍ଞାନର ସମସ୍ତ ସୋପାନରେ ସେମାନେ ଯେଉଁ ଶିଖରରେ ପହଞ୍ଚି ଏହି ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇବା ପାଇଁ ଯଥେଷ୍ଟ । ଏହି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇବାରେ ମହାବିଦ୍ୟାଳୟର ମାର୍ଗଦର୍ଶନ ମଣ୍ଡଳୀ, ପ୍ରତିଷ୍ଠାତା ମଣ୍ଡଳୀ ଓ କମିଟି ମଣ୍ଡଳୀର ସହଯୋଗ, ଉଦ୍ୟମ, ନିଷ୍ଠା ଯଥେଷ୍ଟ । ଚକ, ଡଷ୍ଟର, କଳାପଟ୍ଟା ଯୁଗରୁ ବିଜ୍ଞାନ ଶିକ୍ଷାଦାନ ଆରମ୍ଭ କରି ଆଜି ସ୍ମାର୍ଟ ବୋର୍ଡ଼, ପ୍ରୋଜେକ୍ଟର ଓ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷାଦାନ କରି କୃତୀ ଛାତ୍ରଛାତ୍ରୀ ସୃଷ୍ଟି କରିବାର ଯାତ୍ରାକୁ ଆଜିବି ଏହି ମହାବିଦ୍ୟାଳୟ ବଜାଏ ରଖିଛି, ଆଗକୁ ମଧ୍ୟ ରଖିବ ।

ଅଧ୍ୟକ୍ଷା, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମଧୁସୂଦନ ରୋଡ଼, କଟକ, ଦୂରଭାଷ : ୯୪୩୮୩୬୫୭୦୨

# ସତପାତ୍ର

॥ ନିରୂପମା ଭୂୟାଁ ॥

ବମ୍ବେରୁ ଜଣେ ଧାର୍ମିକ ସେଠ ତୀର୍ଥରେ ଆସି ହରିଦ୍ୱାରରେ ପହଞ୍ଚିଲେ । ଶୀତ ଋତୁ ଆସିବା ଆଗରୁ ସେଠାକାର ସାଧୁସନ୍ଥ ମାନଙ୍କୁ ଗୋଟିଏ ଗୋଟିଏ କମ୍ବଳ ଦେବା ଲାଗି ସେ ୨୦୦ ଖଣ୍ଡ କମ୍ବଳ ସାଥିରେ ଆଣିଥିଲେ । ହରିଦ୍ୱାରର ଜଣେ ବଡ଼ ସାଧୁଙ୍କ ସହ ତାଙ୍କର ସଦଭାବ ଥିଲା ଓ ସେ ହରିଦ୍ୱାର ରହଣି ବେଳେ ତାଙ୍କରି ଆଶ୍ରମରେ ରହିବା ପାଇଁ ସ୍ଥିର କଲେ । ଆଣିଥିବା କମ୍ବଳ ଗୁଡ଼ିକର କଥା ମଧ୍ୟ ସେ ସାଧୁଙ୍କୁ କହିଲେ । ସେ କଥା ଶୁଣି ସାଧୁ କହିଲେ - ଠିକ ଅଛି, କମ୍ବଳ ଏଠି ଥାଉ, ଉପଯୁକ୍ତ ସମୟରେ ଉପଯୁକ୍ତ ଲୋକ ହାତରେ ଏ କମ୍ବଳ ଗୁଡ଼ିକ ଦିଆଯିବ । ସବୁ ଦିନ ଭଳି ସନ୍ଧ୍ୟାରେ ସାଧୁଙ୍କ ଆଶ୍ରମରେ ସତସଙ୍ଗ ସଭା ହେଲା । ଅନେକ ସାଧୁ ସନ୍ଥ ଓ ଯାତ୍ରୀମାନେ ମିଶି ରାମଧନ କଲେ । କେତେକ ମହାପୁରୁଷ ପ୍ରବଚନ ଦେଲେ ଓ ଶେଷରେ ସଭା ସାଙ୍ଗ କରାଗଲା । ଏହି ସମୟରେ ବମ୍ବେର ଧାର୍ମିକ ଲୋକଟି ସାଧୁଙ୍କୁ କମ୍ବଳ ବାଣ୍ଟିବା କଥା ମନେ ପକାଇ ଦେଲେ । ସାଧୁ କହିଲେ, 'ଅପେକ୍ଷା କର, ସମୟ ହୋଇନାହିଁ ।'

ଧାର୍ମିକ ଲୋକ ଜଣକ ଭାବିଲେ ସଭାରେ ଏତେ ସାଧୁସନ୍ଥ ଉପସ୍ଥିତ ଥିଲେ, ସେଠାରେ କମ୍ବଳ ବାଣ୍ଟିଥିଲେ ଭଲ ହୋଇଥାନ୍ତା, କିନ୍ତୁ ଏ ସାଧୁ ମୋତେ କାହିଁକି ବାରଣ କଲେ, ମନେ ମନେ ସେ ଅନେକ କଥା ଭାବୁଥାନ୍ତି । ରାତ୍ରୀ ଭୋଜନ ତଥା ଭଜନ କୀର୍ତ୍ତନର ସମୟ ହେଲା । ଏଥିରେ ଯୋଗ ଦେବାକୁ ସାଧୁ ସନ୍ଥ ଓ ମହାତ୍ମାମାନେ ଅନେକ ସଂଖ୍ୟାରେ ଆସିଲେ ଏବଂ ରାତି ଦଶଟା ବେଳକୁ ସମସ୍ତେ ନିଜ ନିଜ ସ୍ଥାନକୁ ଫେରି ଗଲେ । ଧାର୍ମିକ ଲୋକ ଜଣକ ଏ ଥରକ ପୁଣି କମ୍ବଳ ବାଣ୍ଟିବା କଥା ସାଧୁଙ୍କୁ ମନେ ପକାଇ ଦେଲେ - ଏ ଥରକ ବି ସାଧୁ ପୁଣି କହିଲେ - 'ଉପଯୁକ୍ତ ଲୋକ ଓ ଉପଯୁକ୍ତ ସମୟ ଏ ନୁହେଁ, ଆଉ ଟିକେ ଅପେକ୍ଷା କର ।' ଏହାପରେ ସାଧୁ ନିଜ ଶୋଇବା କୁଟୀରକୁ ଗଲେ ଓ ଧାର୍ମିକ ଲୋକଟି ତାଙ୍କ ରହିବା ଜାଗାକୁ ଗଲେ ।

ଧାର୍ମିକ ଲୋକ ଜଣକ ଭାବୁଥାନ୍ତି ଯେ ଏ ସାଧୁ ଏଭଳି ବିଳମ୍ବ କରିବାର କାରଣ କ'ଣ ହୋଇପାରେ । ବିଛଣାରେ ପଡ଼ି ରହି ଥିଲେ ମଧ୍ୟ ତାଙ୍କୁ ନିଦ ଆସୁନଥାଏ । ରାତି ଅଧ ବେଳକୁ ସାଧୁ ଆସି ଧାର୍ମିକ ଲୋକଟିକୁ ଡାକିଲେ । 'ଓ ସେଠ, ଚାହିଛ ନା ଶୋଇଲଣି । ଚାଲ ତୁମ କମ୍ବଳ ବାଣ୍ଟିବା ।' ସାଧୁଙ୍କ କଥା ଶୁଣି ସେଠ ବାହାରକୁ ଆସି କହିଲେ, 'ମହାରାଜ, ଏ ରାତି ଅଧରେ ଦାନ ନେବାକୁ ଲୋକ କୋଉଠୁ ମିଳିବେ ? ସାଧୁ କହିଲେ, 'ସତପାତ୍ର ପାଇବାର ଉପଯୁକ୍ତ ସମୟ ବର୍ତ୍ତମାନ ।' ଆସ, କହି ଯେତେ କମ୍ବଳ ନିଜେ ଧରିପାରିଲେ ତାକୁ କାନ୍ଧରେ ନେଇ ଚାଲିଲେ । ସେଠ ମଧ୍ୟ ସାଧୁଙ୍କୁ ଦେଖି ଆହୁରି କିଛି କମ୍ବଳ ନିଜେ ଧରି ସାଧୁଙ୍କ ପଛେ ପଛେ ଚାଲିଲେ । ଚାଲି ଚାଲି ସେମାନେ ପହଞ୍ଚିଲେ ଗଙ୍ଗା ତୀରରେ । କେହି କେହି ଥଣ୍ଡାରେ ଥରୁଥିବା ଅବସ୍ଥାରେ, କେହି କେହି ଅନ୍ଧରାତ୍ର ଯୋଗୁଁ ଶୋଇ ପଡ଼ିଥିବା ଅବସ୍ଥାରେ, ସାଧୁ ପ୍ରତ୍ୟେକଙ୍କୁ ଖଣ୍ଡେ ଲେଖାଏଁ କମ୍ବଳ ଘୋଡ଼ାଇ ଦେଇ ଗଲେ । ବୁଲି ବୁଲି ସେମାନେ ଦୁଇ ଶହ ଯାକ କମ୍ବଳ ବାଣ୍ଟିଲେ । ସାଧୁଙ୍କ ଉନ୍ନତ ବିଚାର ଧାର୍ମିକ ସେଠଙ୍କ ମନରେ ଅପୂର୍ବ ଆନନ୍ଦ ସଞ୍ଚାର କଲା । ବର୍ତ୍ତମାନ ସେ ବୁଝିଲେ ଯେ ତାଙ୍କ ଦାନ ଉପଯୁକ୍ତ ଲୋକଙ୍କୁ ମିଳିଲା । ପ୍ରକୃତରେ ସେମାନେ ଥିଲେ ସତପାତ୍ର । ଦେଖେଇ ହୋଇ ଦାନ କରିବା ଅପେକ୍ଷା ଏ ଦାନ ହଜାର ଗୁଣ ଶ୍ରେୟସ୍କର ।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦

## ଫିରିଙ୍ଗିଆ ରେ ନୂତନ ବିଜେପି ଜିଲ୍ଲା ସଭାପତି ପଣ୍ଡିତ ବିଶମାଝୀ ଙ୍କୁ ବିପୁଳ ସ୍ୱାଗତ



କନ୍ଧମାଳ :(ମହାଭାରତ):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ରେ ଆଜି ବିଜେପିର ନୂତନ ଭାବରେ ଜିଲ୍ଲା ସଭାପତି ଦାୟିତ୍ୱ ନେଇଥିବା ପଣ୍ଡିତ ବିଶମାଝୀ ଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଛି । ପ୍ରଥମେ ଫିରିଙ୍ଗିଆ ବ୍ଲକ ଛକ ରେ ନୂତନ ସଭାପତି ପଣ୍ଡିତ ବିଶମାଝୀ ପହଞ୍ଚିବା ପରେ ଦଳୀୟ ନେତା ଓ କର୍ମୀ ମାନେ ବିଭିଊ ବାଜା ବାଦ୍ୟ ସହ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ବ୍ଲକ ଛକ ଠାରୁ ବାଜା ବାଦ୍ୟ ସହ ବାଣ ଫୁଟାଇ ଫିରିଙ୍ଗିଆ ବଜାର ଇନ୍ଦିରା ଗାନ୍ଧୀ ଛକ ଦେଇ ଫିରିଙ୍ଗିଆ ପିତାବାଳୀ ମନ୍ଦିର ରେ ଦର୍ଶନ କରିବା ପରେ ଫିରିଙ୍ଗିଆ ର ବିଭିଊ ମନ୍ଦିର ଦର୍ଶନ କରିଥିଲେ । ଦର୍ଶନ ସାରି ପୁଣି ଇନ୍ଦିରା ଗାନ୍ଧୀ ଛକ କୁ ପ୍ରତ୍ୟାବର୍ତନ କରି ଛକ ରେ କିଛି ସମୟ ରହି ଦଳୀୟ ନେତା ଓ କର୍ମୀ ମାନଙ୍କୁ ନୂତନ ସଭାପତି ଦଳ ସୁଦୃଢ ସମ୍ପର୍କିତ ଅଭିଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ରେ ଫିରିଙ୍ଗିଆ ମଣ୍ଡଳ ସଭାପତି ଶ୍ରୀବଛ କହଁର, ନୁଆଁ ପଦର ମଣ୍ଡଳ ସଭାପତି ଦେବଶ୍ବର ଦୀପ, ବରିଷ୍ଠ ବିଜେପି ନେତା କଂସ ଦେବ ସାହୁ, ସଞ୍ଜୟ କୁମାର ଦିଗାଲ, ସାଂସଦ ପ୍ରତିନିଧି ଗୋଲକ ବିହାରୀ କହଁର, ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ, ପୂର୍ବତନ ଜିଲ୍ଲା ବିଜେପି କୋଷାଧକ୍ଷ ବିଜୟ କୁମାର ସାହୁ, ଗୁରୁରାମ ଭାଇ, ସ୍ୱାସ୍ଥ୍ୟ ପ୍ରତିନିଧି ଅକ୍ଷୟ କଟା, ଫିରିଙ୍ଗିଆ ସମିତି ସଭ୍ୟା ମୌସୁମୀ ପ୍ରଧାନ,ବରିଷ୍ଠ ବିଜେପି ନେତା ଅଙ୍ଗଦ ବେହେରା,ବରିଷ୍ଠ ବିଜେପି ନେତା ବାଳକୃଷ୍ଣ ଜୁଣ୍ଡି, ରଘୁପତି କହଁର, ଅନେଇ ମୁଖି, ମହିଳା ନେତ୍ରୀ ସମ୍ପତି ଦିଗାଲ, ପ୍ରଦୀପ ସାହୁ ଙ୍କ ସହ ଶତାଧିକ ବିଜେପି ଦଳର ନେତା ଓ କର୍ମୀ ଯୋଗ ଦେଇଥିଲେ । ଏହି ଅବସରରେ ଫିରିଙ୍ଗିଆ ବିଜୁ କଲ୍ୟାଣ ମଣ୍ଡପ ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା ଫିରିଙ୍ଗିଆ ର ବରିଷ୍ଠ ନେତୃତ୍ୱ ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ଙ୍କ ଭାଇ ତଥା ବରିଷ୍ଠ ବିଜେଡି ନେତା ଫିରିଙ୍ଗିଆ ବ୍ଲକ ବିଜେଡି ର ଉପସଭାପତି ଥିବା ପ୍ରଦୀପ ବେହେରା ଅନୁଷ୍ଠାନିକ ଭାବରେ ନୂତନ ବିଜେପି ଜିଲ୍ଲା ସଭାପତି ପଣ୍ଡିତ ବିଶ ମାଝୀ ଏବଂ ଦଳୀୟ କର୍ମୀ ଙ୍କ ଉପସ୍ଥିତ ରେ ବିଜେପି ରେ ଉତ୍ତରୀୟ ସହ ଅନୁଷ୍ଠାନିକ ଭାବରେ ବିଜେପି ରେ ମିଶିଥିଲେ ଅନ୍ୟପଟେ ଫିରିଙ୍ଗିଆ ଅଞ୍ଚଳ ର ବରିଷ୍ଠ ବିଜେଡି ନେତା ତଥା କଳାକାର ସଂଘ ର ସଭାପତି ଅକ୍ଷୟ କର୍ଣ୍ଣ ଙ୍କ ସହ ବହୁ ବିଜେଡି କର୍ମୀ ବିଜେପି ରେ ସାମିଲ ହୋଇଥିଲେ।

# ଖଣି ଅଞ୍ଚଳରେ ୭୭ ହାତୀ



ଯୋଡା,(ମହା ଭାରତ ) କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ,ବଡ଼ବିଲ ରେଞ୍ଜ ରେ ପ୍ରାୟ ୭୭ଟି ହାତୀ ବିଚରଣ କରୁଛନ୍ତି ।ୟବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ,ଚମ୍ପୁଆ ରେଞ୍ଜ ବାଲିବନ୍ଧ ସେକ୍ସନ ର ନାଉପାଣି ରେ ୧୭ ଟି,ଚମକପୁର ରେ ୨୬ଟି,ଯୋଡା ସେକ୍ସନ ର ବନ୍ଧୁଆବେଡ଼ା ବନାଞ୍ଚଳରେ ୧୮ ଟି ହାତୀ ଥିବା ବେଳେ ବଡ଼ବିଲ ରେଞ୍ଜ ଗୁଆଁଲି ସେକ୍ସନ ରେ ପ୍ରାୟ ୧୬ ଟି ହାତୀ ବିଚରଣ କରୁଛନ୍ତି । ଯୋଡା ଅଞ୍ଚଳ ରେ ଥିବା ରେଳ ଲାଇନ ପାଇଁ ବନ ବିଭାଗ ,ରେଳ ବିଭାଗ ସହିତ ମିଳିତ ହୋଇ ପେଟ୍ରୋଲିଂ କରୁଛନ୍ତି । ପେଟ୍ରୋଲିଂ ସମୟରେ ରେଳ ବିଭାଗ ସମେତ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ,ବିଦ୍ୟୁ ବିଭାଗ ହାତୀ କୁ ସୁରକ୍ଷା ଦେବା ପାଇଁ ବନ ବିଭାଗ କୁ ସହଯୋଗ କରୁ ଥିବା ଯୋଡା ବନପାଳ ତ୍ରିନାଥ ଜେନା କହିଛନ୍ତି ।ହାତୀ ଥିବା ସମସ୍ତ ଅ□ଳରେ ବୃହ୍ ଖଣି ମାନଙ୍କରେ ଖଣିଜ ଖନନ ହେତୁ ବାରୁଦ ବିଷ୍ଫରଣ କରାଯାଉଛି ।ଏହାକୁ ମଧ ଶୃଙ୍ଖଳିତ ଓ ନିୟନ୍ତ୍ରିତ କରିବା ପାଇଁ କେନ୍ଦୁଝର ଡିଏଫ୍ଓ ନଜର ରଖିଛନ୍ତି ।ତେଣେ ଏହି ବିସ୍ତୃତ ବନା□ଳରେ ଓଡ଼ିଶା ର ଦ୍ୱିତୀୟ ନଦୀବନ୍ଧ କାନପୁର ଦ୍ୟାମ ନିର୍ମାଣ ମଧ ଚାଲିଛି ,ପ୍ରାୟ ୫୦ ରୁ ଅଧିକ ଖଣି ରେ ଖନନ କାର୍ଯ୍ୟ ଚାଲିଛି ।ତେଣୁ ହାତୀ ଇତଃତ୍ରସ୍ତ ହେଉଛନ୍ତି ।ତେଣେ ପଲ ପଲ ହୋଇ ହାତୀ ଏଣେତେଣେ ରହୁ ଥିବା ହେତୁ ସମୟ ସମୟ ରେ ସଡକ ଅତିକ୍ରମ କରୁଛନ୍ତି ।ଜଣେ ବାଇକ୍ ଆରୋହୀ ଦୁର୍ଯୋଧନ ମହାନ୍ତ କହିଛନ୍ତି ଯେ,ସେ ବଡ଼ବିଲ ରୁ ଯୋଡା ଆସୁଥିବା ବେଳେ ରୋଇଡ଼ୟ ଛକ ନିକଟରେ ହାତୀ ପଲ ରାସ୍ତା ଅତିକ୍ରମ କରୁଥିଲେ ହେଲେ ସ୍ଲରୀ ପାଇପ ପାଇଁ ଖୋଳା ହୋଇଥିବା ଗାତ କୁ ଦେଖି ହାତୀପଲ ପୁଣି ରାସ୍ତା ଅତିକ୍ରମ କରି ନ ପାରି ପଛକୁ ଫେରି ଆସିଥିଲେ ।ଏହାକୁ ଦେଖି ମହାନ୍ତ ଭୟଭୀତ ହୋଇ ସେ ମଧ ପ୍ରତ୍ୟାବର୍ତ୍ତନ କରିଥିବା ସେ କହିଛନ୍ତି ୟବ୍ୟାପକ ଖଣି ଖନନ ଓ ଜଙ୍ଗଲ ଧ୍ୱଂସ ,ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁ ଆଲୋକ, ।ରୁଦ ବିଷ୍ଫରଣ ହେତୁ ବେଳେ ବେଳେ ହାତୀପଲ ପଥଭ୍ରଷ୍ଟ ହୋଇ ଗ୍ରୟମୟଭିମୁଖି ହେଉଛନ୍ତି ଏବଂ ପ୍ରାୟତଃ ବିଭିଊ ସଂରକ୍ଷିତ ଜଙ୍ଗଲ କୁ ନ ଯାଇ ଗ୍ରାମ୍ୟ ଜଙ୍ଗଲ ରେ ରହୁଛନ୍ତି ।

## ଗାଁକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି କଟାବାଲି କପୁଗୁଡ଼ା ମାହାଗୁଡ଼ା ବର ସାହି



କନ୍ଧମାଳ :(ମହାଭାରତ):କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ସ୍କୁଲ ଛକ ଠାରୁ ଗାଁ ଭିତରକୁ ଯାଇଥିବା ରାସ୍ତା ସାଜିଛି ଖାଲଖମା । ଗାଁକୁ ଯିବା ପାଇଁ ସ୍ଥାୟୀ ରାସ୍ତା ଟିଏ ନାହିଁ । ମଗଡ଼ିଙ୍ଗିଆ ସ୍କୁଲ ଛକ ଠାରୁ ସାହି ରାସ୍ତା କେହେଲି ଗାଣ୍ଡା ପର୍ବତ ଦେଇ ଉପର କଙ୍ଗେରିକିଆ ପର୍ଯ୍ୟନ୍ତ ମାତ୍ର ତିନି କିମ୍ବା ଚାରି କିଲୋମିଟର କିଲୋମିଟର ରାସ୍ତା ସାଜିଛି ମରଣଯନ୍ତା । ଅଞ୍ଚଳ ବାସୀ ଯିବାକୁ ହେଲେ ମାଟି ଖାଲଖମା ରାସ୍ତା ଦେଇ ଯିବାକୁ ପଡୁଥିବା ଅଭିଯୋଗ କରିଛନ୍ତି । ସାହିରେ ୧୨୦ଘରରୁ ଉର୍ଦ୍ଧ ଘର ଥିବା ବେଳେ ଜନସଂଖ୍ୟା ୭୫୦ ଉର୍ଦ୍ଧ ୟ ଗାଁ ସାହିକୁ ଯିବାକୁ ହେଲେ ପାଦରେ ଚାଲିକି ଯିବାକୁ ପଡୁଥାଏ ।ଖରା ଦିନେ ଯିବା କିଛି ମାତ୍ରା ଠିକ୍ ଥିବା ବେଳେ ବର୍ଷା ଦିନେ ଖାଲଖମା କାଦୁଆ ରାସ୍ତା ଦେଇ ଯାଉଥିବା ଅଭିଯୋଗ କରିଛନ୍ତି ।ଅନ୍ୟ ପଟେ ସାହି କୁ ରାସ୍ତା ପାଇଁ ଗ୍ରାମ ବାସୀ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଦାବି କରିଥିଲ ମଧ କେହି ଏଥିପ୍ରତି ଗୁରୁ ଦେଉନାହାନ୍ତି ବୋଲି କହିଛନ୍ତି । ତେଣୁ ପ୍ରସାସନ ଏଥିପ୍ରତି ଦୃଷ୍ଟି ଦେଇ ମଗଡ଼ିଙ୍ଗିଆ ସ୍କୁଲ ଛକ ଠାରୁ ଗାଁ ଭିତରକୁ ଯାଇଥିବା ରାସ୍ତା ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ ଭମର ପ୍ରଧାନ, ଲକ୍ଷ୍ମୀକାନ୍ତ ପ୍ରଧାନ ,ବିରୁପାକ୍ଷ ପ୍ରଧାନ,ଚୌଧୁରୀ ବିଜୟ ପ୍ରଧାନ ,ଟଙ୍କ ପ୍ରଧାନ, ମନୋଜ ପ୍ରଧାନ, ନିକଲାସ୍ ପ୍ରଧାନ, ବ୍ରହ୍ମା ଯୁବରାଜ ଭୀମରାଜ ମଲିକ,ରବିକିରଣ ପ୍ରଧାନ,ବିମଳ ପ୍ରଧାନ ଗନ୍ଧର୍ବ ପ୍ରଧାନ ଗୌର ବିଷ୍ଣାଣୀ, ହେମନ୍ତ ଦିଗାଲ ନରେଶ ବେହେରା ଗ୍ରାମ ବାସୀ ଦାବି କରିଛନ୍ତି କରିଛନ୍ତି ।

## ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ସଂସ୍ଥାନ (ଡି ଆଇ ଇ ଟି) ତରଫରୁ ମେଗା ରକ୍ତଦାନ ଶିବିର ଆୟୋଜିତ



ଜୟପୁର(ମହାଭାରତ): ଜିଲ୍ଲା ଶିକ୍ଷ୍ୟା ପ୍ରଶିକ୍ଷଣ ସଂସ୍ଥାନ (ଡି ଆଇ ଇ ଟି) ତରଫରୁ ଡି ଆଇ ଇ ଟିର ଅଡିଟୋରିଅମରେ ଏକ ସ୍ବେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଉକ୍ତ ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ରୁପଚନ୍ଦ୍ର ସୋରେନ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ରିବନ କାଟି ଆନୁଷ୍ଠାନିକ ଭାବେ ଉଦଘାଟିତ କରିଥଲେ। ୱାଇଆରସି ର କାଉନସିଲର ବରିଷ୍ଠ ଶିକ୍ଷୟତ୍ରୀ ସୁଭସ୍ମିତା ଦାସ ଏହି ଶିବିର ପରିଚାଳନା କରିଥିଲେ। ଓଡିଶା ବ୍ଲଡ଼ ସେଣ୍ଟର ଶହିଦ ଲକ୍ଷ୍ମଣ ନାୟକ ଭେଷଜମହାବିଦ୍ୟାଳୟ ଓ ହସପିଟାଲର ବ୍ଲଡ଼ ସେଣ୍ଟର ଅଧିକାରୀ ଡ଼ାଃ ମଧୁସୂଦନ ବଳିଆର୍ସିଂ ଓ ତାଙ୍କ ଟିମ୍ ଭି ଗଙ୍ଗାଧର, ରବୀନ୍ଦ୍ର ୫୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ସୁଭସ୍ମିତକ୍ଷ ଦାସ ଓ ବ୍ରହ୍ମା ଦେବ୍ ଟୁଡୁଙ୍କ ସମେତ ଡି ଆଇ ଇ ଟି ର ସମସ୍ତ ଶିକ୍ଷକ ଓ ରକ୍ତଦାତା ମହାସଂଘର ପ୍ରମୋଦ ରାଉଳ ଏଂ ନିରଂଜନ ପାଣିଗ୍ରାହୀ ଶିବିର ପରିଚାଳନା କରିଥିଲେୟ ଉକ୍ତ ଶିବିରରୁ ସର୍ବମୋଟ୍ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରଯାଇଥିଲା ସେ ମଧ୍ୟରୁ ୪୧ଜଣ ପ୍ରଥମଥର ପାଇଁ ଆଜି ରକ୍ତଦାନ କରିଥଲେ। ଉକ୍ତ ଶିବିର ନିମନ୍ତେ ଗତକାଲି ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ଓଡ଼ିଶା ରକ୍ତଦାତା ମହାସଂଘ ପକ୍ଷରୁ ନିରଞ୍ଜନ ପାଣିଗ୍ରାହୀ ଓ ପ୍ରମୋଦ କୁମାର ରାଉଳ ସମ୍ମାନିତ ଅତିଥିଭାବରେ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ କିପରି ବହୁ ସଂଖ୍ୟାରେ ସଡ଼କ ଦୁର୍ଘଟଣା ଜନିତ ଏମର୍ଜେନ୍ସି ସମୟରେ ରକ୍ତ ଅଭାବ ଯୋଗୁଁ କିପରି ବହୁ ଅମୂଲ୍ୟ ଜୀବନ ଚାଲିଯାଇଥାଏ ତଥା ସିକିଲ ସେଲ, ଥାଲାସେମିଆ, ଗର୍ଭବତୀ ମହିଳା ଓ କ୍ୟାନସର ରୋଗୀଙ୍କ ନିମନ୍ତେ ରକ୍ତଦାନ ପାଇଁ ପ୍ରବର୍ତ୍ତାଇଥିଲେ । ଏଥିରେ ସମସ୍ତ ଛାତ୍ର ଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଫେଡେରେସନ ଅଫ ବ୍ଲଡ଼ ଡୋନର ଅର୍ଗାନାଇଜେସନ ଅଫ ଓଡ଼ିଶା ତରଫରୁ ଆବଶ୍ୟକୀୟ ସହାୟତା ପ୍ରଦାନ କରଯାଇଥିଲା।

## ପୁଡୁଗେଶ୍ୱର ଶୈବ ପୀଠ ରେ ବିଶ୍ୱଶାନ୍ତି ରୁଦ୍ର ମହାଯଂଜ୍ଞ



ଆସିକା (ମହାଭାରତ)-ପୂନ୍ୟତୋୟା ଋଷିକୂଲ୍ୟା - ବଡ଼ନଦୀ ସଙ୍ଗମ ସ୍ଥଳରେ ବିଜେ ଶ୍ରୀ ପୁଡୁଗେଶ୍ୱର ଶୈବ ପୀଠ ରେ ଶିବରାତ୍ର ଉପଲକ୍ଷେ ବିଶ୍ୱଶାନ୍ତି ରୁଦ୍ର ମହାଯଂଜ୍ଞ, ଗୋ ଯଂଜ୍ଞ ଏବଂ ଅର୍ଣ୍ଣ ଯଂଜ୍ଞ ସହିତ ଏକ ଲକ୍ଷ ଆଠ ଦୀପ ମହାଯଂଜ୍ଞ ର ଆୟୋଜନ କରାଯାଇଛି ।ସମଗ୍ର ବିଶ୍ୱର ମଙ୍ଗଳ ନିମନ୍ତେ ପୁଡୁଗେଶ୍ୱର ପଲ୍ଲୀ ଗ୍ରାମ ରେ ବିଜେ ଶ୍ରୀ ଶ୍ରୀ ପୁଡୁଗେଶ୍ୱର ମହାଦେବଙ୍କ ପୀଠରେ ପଞ୍ଚ ମହାଯଂଜ୍ଞ ସହ ଏକ ଲକ୍ଷ ଦୀପ ଦାନ କାର୍ଯ୍ୟକ୍ରମ ଗ୍ରାମବାସୀ ପକ୍ଷରୁ ଆୟୋଜନ କରାଯାଇଛି ।ଆଜି ପଣ୍ଡିତ ମାନଙ୍କ ଦ୍ୱାରା ଅଙ୍କୁରାରୋପଣ,ଦୀକ୍ଷା ଗ୍ରହଣ, ଜଳ ଯାତ୍ରା, ରୁଦ୍ରାଭିଷେକ, ଶୈବାଗ୍ନୀ ଆବାହନ, ପୂଜନ, ହବନ, ଶୈବ ପୀଠ ରେ ଆରତୀ, ପୂଜା ଅର୍ଚନା, କରାଯାଇଥିଲା । ଏହି ଧାର୍ମିକ କାର୍ଯ୍ୟକ୍ରମ ରେ ପୁଡୁଗେଶ୍ୱର ପଲ୍ଲୀ ଗ୍ରାମ କମିଟି ସଭାପତି ସୂର୍ଯ୍ୟ ନାରାୟନ ନାହାକ, ସମ୍ପାଦକ ପଞ୍ଚାନନ ମହାନ୍ତି, ଉପ ସଭାପତି କାଲୁ ଚରଣ ପାଣିଗ୍ରାହୀ, ଧାର୍ମିକ ପ୍ରେମୀ ଗଣେଶ ଚନ୍ଦ୍ର ମହାନ୍ତି, ଟ୍ରକ ମାଲିକ ସଙ୍ଘର ସଭାପତି ନିଗମାନନ୍ଦ ମହାନ୍ତି, ପୂଜକ ପ୍ରଶାନ୍ତ ମୁନି, ପଣ୍ଡିତ ସୁନୀଲ ଦାଶ ଏବଂ ରାଜେଶ ଶତପଥି ପ୍ରମୁଖ ଉପସ୍ଥିତ ଏବଂ ସହଯୋଗ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗ୍ରାମର ଅନେକ ଭକ୍ତ, ଶ୍ରଦ୍ଧାଳୁ ଯୋଗ ଦେଇଛନ୍ତି ।

## କପିଳାସ ବାରବାଙ୍କରେ ଜାଗର ପୂର୍ବରୁ ଅଘଟଣ, ଭାରସାମ୍ୟ ହରାଇ ଦୋକାନକୁ ପଶିଗଲା ପୋଲିସ ଭ୍ୟାନ

ଗଁଦିଆ,(ମହାଭାରତ) : ଗଁଦିଆ ଥାନା ଅନ୍ତର୍ଗତ ପ୍ରସିଦ୍ଧ ଶୈବ ପୀଠ କପିଳାସ ଠାରେ ଜାଗର ପର୍ବ ପୂର୍ବରୁ ଘଟିଛି ଏକ ଅଘଟଣ ଦୋକାନ ଭିତରକୁ ପଶିଗଲା ଏକ ପୋଲିସ ଭ୍ୟାନ। ସୂଚନାରୁ ଜଣାଯାଏ ଆଜି ସନ୍ଧ୍ୟା ସମୟ ପ୍ରାୟ ୭ଟା ସମୟରେ କପିଳାସ ମନ୍ଦିର ପାଖରୁ ଏକ ପୋଲିସ ଭ୍ୟାନ ଯାହାର ନଂ ଓଡି ୦୫ ଜେ ୩୭୦୮ ତଳକୁ ଆସୁଥିବା ସମୟରେ ଶେଷ ବାଙ୍କ ଅର୍ଥାତ ୧ନଂ ବାଙ୍କ ଠାରେ ଭାରସାମ୍ୟ ହରାଇ ଉକ୍ତ ପୋଲିସ ଭ୍ୟାନ ଟି ସେଠାରେ ବସିଥିବା ଏକ ଟେସେନାରୀ ଦୋକାନ ଉପରକୁ ଚଢି ଯାଇଥିଲା ଯାହା ଫଳରେ ଉକ୍ତ ଗାଡ଼ିରେ ଥିବା ପୋଲିସଙ୍କ ମଧ୍ୟରୁ ଜଣେ ପୋଲିସ ଆହତ ହେବା ସହିତ ସେଠାରେ ଥିବା ଦୁଇ ଜଣ ବ୍ୟକ୍ତି ଆହତ ହୋଇଛନ୍ତି । ତତ ସହିତ ସେଠାରେ ଥିବା ଦୁଇଟି ବାଇକ ଉପରକୁ ଉକ୍ତ ଗାଡି ଚଢି ଯିବା ଯୋଗୁ ଦୁଇ ବାଇକ ମଧ ଭାଙ୍ଗି ରୁଜି ଯାଇଛି। ସେହି ଟେସେନାରୀ ଦୋକାନ ଟିର ବ୍ୟାପକ ଭାବରେ କ୍ଷୟକ୍ଷତି ହୋଇଥିବାର ଦେଖିବାକୁ ମିଳିଛି । ବିଶେଷ କରି ବାରବାଙ୍କର ପ୍ରଥମ ବାଙ୍କ ଠାରେ ଗାଡିଗୁଡିକ ବୁଲିକରି ଉପରକୁ ଯାଇଥାନ୍ତି କିନ୍ତୁ ଉକ୍ତ ସ୍ଥାନଟି ଗହଳି ଲାଗି ରହୁଥିବା ବେଳେ କିପରି ସେହି ସ୍ଥାନରେ ଦେବୋ□ର ବିଭାଗ ଉଠା ଦୋକାନ ଖୋଲିବାକୁ ଅନୁମତି ଦେଉଛି ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

## ଜଙ୍ଗଲ ନିଆଁ ନିବାରଣ ସଚେତନତା ବୈଠକ

ସେମିଳିଗୁଡା:(ମହାଭାରତ) କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ବନାଞ୍ଚଳ ସ୍ତରୀୟ ଜଙ୍ଗଲ ନିଆଁ ନିବାରଣ ସଚେତନତା ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ସଂସାଦ ସପ୍ତଗିରି ଉଲକା ଯୋଗ ଦେଇ ନିଜ ଅଭିଭାଷଣରେ ଜଙ୍ଗଲ କୁ ସୁରକ୍ଷା ଦିଆଯିବ ତାହାର ସଚେତନତା ଆବଶ୍ୟକ ଥିବା ବେଳେ ବିଦେଶରେ କିଛି ଦିନ ତଳେ ଆମେରିକା ଲୋସ୍ ଏନଜେଲସ ଅଗ୍ନି କାଣ୍ଡ ଗଠିଥିବା ବେଳେ ସେଠି କାର କ୍ଷେୟ କ୍ଷେତି ଉଧାରଣ ଦେଇଥିଲେ ।ବନାଞ୍ଚଳ ତରଫରୁ ହୋଇଥିବା ସଚେତନତା କାର୍ଯ୍ୟକ୍ରମକୁ ସ୍ୱାଗତ ଜଣାଇଥିଲେ। ମୁଖ୍ୟ ଭକ୍ତା ଭାବେ ଯୋଗଦେଇ ଥିବା ଅନ୍ୟତମ ଅଥିତି ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ଯୋଗ ଦେଇ ଜଙ୍ଗଲ ନିଆଁ ନିବାରଣ ସଚେତନତା ଉପରେ କହିବା ସହ ଜଙ୍ଗଲ ଜାତ ଦ୍ରବ୍ୟ ଆଦି ସୁରକ୍ଷା ଉପରେ ମତ ଦେଇଥିଲେ। ଉପସ୍ଥିତ ଅନ୍ୟତମ ଏଥିତି ମଧ୍ୟରେ ସେମିଳିଗୁଡା ବ୍ଲକ ଅଧକ୍ଷା ଲିଲି ଆବିରିଆ,ଏଫି ଇ ଏ ସ୍ ନିର୍ଦ୍ଦେଶକ ପ୍ରଦୀପ ମିଶ୍ର, ଆୟୁର୍ବେଦିକ ଚିକିତ୍ସକ ହରି ପାଙ୍ଗି,ବନଖଣ୍ଡ ଅଧିକାରୀ ତ୍ରିପତି ପଣ୍ଡା,ହାଲ ବିସ୍ଥାପିତ ସଙ୍ଘର ସଭାପତି ତ୍ରିଲୋଚନ ମୁଦୁଲି, ସମୁକରେ ବସି ଥିବା ଜନସାଧାରଣଙ୍କୁ ଜଙ୍ଗଲ ନିଆଁ ନିବାରଣ ଉପରେ ସଚେତନ କରିଥିଲେୟ ଅତିଥି ମାନଙ୍କ ଦ୍ୱାରା କିଟ ପ୍ରଦାନ କରାଯାଇଥିଲା ।ଏହି ଅବସରରେ ସେମିଳିଗୁଡା ବନଖଣ୍ଡ ଅଧିକାରୀ ତ୍ରିପତି ପଣ୍ଡାଙ୍କ ଦ୍ୱାରା ଜଙ୍ଗଲ ସୁରକ୍ଷା ନିମନ୍ତେ ଶପଥ ପାଠ କରାଯାଇଥିଲାୟଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ ଜଣାଇ ମଞ୍ଚ ପରିଚାଳନା କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ନିରଞ୍ଜନ ଶତପଥୀ,ଗୋପୀନାଥ ପାଙ୍ଗି, ଏ ସ୍ କେ ସେଠୀ, ଏ ସ୍ କେ ବିଶ୍ୱାଳ, ଏ ସ୍ କେ ପାଣିଗ୍ରାହୀ, ଏବଂ ବନାଞ୍ଚଳ ଅଧିକାରୀ ଭିବାଗର କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।ଏହି ଅବସରରେ ସେମିଳିଗୁଡା, ପଟାଙ୍ଗି ନନ୍ଦପୁର ବ୍ଲକର ଶତାଧିକ ଲୋକ ଯୋଗ ଦେଇଥିଲେ ।ପରିଶେଷରେ ତ୍ରିପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରାଣ୍ଡିବାଲି ଉପଶାଖା କୁଇସମାଜର ବାର୍ଷିକ ସାଧାରଣ ଅଧିବେଶନ

କନ୍ଧମାଳ :(ମହାଭାରତ):କନ୍ଧମାଳ ଜିଲ୍ଲାର ପୁରାତନ ସଂଗଠନ କୁଇ ସମାଜ ସେବା ସମିତି ଅନ୍ତର୍ଗତ ଗୋଛାପଡା ଶାଖା ନିକଟସ୍ଥ କ୍ରାଣ୍ଡିବାଲି ଉପଶାଖାର ସିଲେରି ଗୁପା ଠାରେ ଦୁଇଦିନ ଧରି ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଛାପଡା ଶାଖା ସଭାପତି ଶ୍ରୀ କୃଷ୍ଣ ଚନ୍ଦ୍ର କହଁର,ମୁଖ୍ୟ ବକ୍ତା ଗୋଛାପଡା ସରପଞ୍ଚ ଶ୍ରୀ ଯୁଗାନ୍ତ କହଁର, ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ଗୋଛାପଡା ଶାଖା ଉପସଭାପତି ତଥା ଫିରିଙ୍ଗିଆ ସାଂସଦ ପ୍ରତିନିଧି ଗୋଲକ ବିହାରୀ କହଁର, ଗୋଛାପଡା ଶାଖା ସମ୍ପାଦକ ଆଲୋକ କହଁର, ଯୁଗ୍ମ ସମ୍ପାଦକ ଅର୍ଜୁନ କହଁର, କ୍ରାଣ୍ଡିବାଲି ସରପଞ୍ଚ ଶ୍ରୀମତୀ ଲକ୍ଷ୍ମୀ କହଁର, ସମିତି ସଭ୍ୟା ଚିଙ୍କି କହଁର ଯୋଗ ଦେଇଥିଲେ ।

## ସାମୁଦ୍ରିକ ପୁଲିସ୍ ଦ୍ୱାରା ମଧୁପୁରରୁ ନଟ୍ ଫର୍ ସେଲ୍ ସିମେଣ୍ଟ ଜବତ



ଅସ୍ତରଙ୍ଗ(ମହାଭାରତ :-ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ମଧୁପୁର ମୌଜାର ପ୍ରଦେଶ ବେହେରାଙ୍କ ଘରୁ ସାମୁଦ୍ରିକ ପୁଲିସ୍ ଦ୍ୱାରା ୪୦ ବସ୍ତା ନଟ୍ ଫର୍ ସେଲ୍ ସିମେ□ ଜବତ ହୋଇଛିଜବତ ସିମେଣ୍ଟକୁ ନେଇ ପୁଲିସ୍ ତନାଘନା କଲେ ମଧ ଘର ମାଲିକ ସନ୍ତୋଷଜନକ ଉତ୍ତର ରଖିପାରିନାହାନ୍ତି ଯାହାକୁ ନେଇ ଅଡୁଆ ବଢୁଥିଲା ବେଳେ ସରକାରୀ କାମରେ ବ୍ୟବହାର ପାଇଁ ଆସୁଥିବା ସିମେ□ ଘରୋଇ କାର୍ଯ୍ୟରେ କେମିତି ବ୍ୟବହାର ହେଲା ବୋଲି ସମସ୍ତେ ପ୍ରଶ୍ନ କରୁଛନ୍ତି ଘରୋଇ କାମ ପାଇଁ କିଏ ବିକ୍ରି କରିଛି ଯାହାର ଉତ୍ତର ମିଳିପାରୁନି ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଭିତିକରି ପୁଲିସ୍ ତଦନ୍ତ ଜାରିରଖିଛି । ସୂଚନାନୁସାରେ ମଧୁପୁର ମୌଜାର ପ୍ରଦେଶ ବେହେରାଙ୍କ ଘର କାମ ଚାଲିଥିଲା ବେଳେ ଏଠି ନଟ୍ ଫର୍ ସେଲ୍ ସିମେଣ୍ଟରେ କାମ ହେଉଥିବା ଦୁଇଦିନ ତଳୁ ସାଧାରଣରେ ଅଭିଯୋଗ ହେଉଥିଲା ଆଜି ସ୍ଥାନୀୟ ଅଞ୍ଚଳରୁ ସନାତନ ବେହେରା ଓ କାର୍ତ୍ତିକ ବେହେରା ନାମକ ଦୁଇଜଣ ବ୍ୟକ୍ତି ଲିଖିତ ଭାବେ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ ଅଭିଯୋଗକୁ ଭିତିକରି ଥାନା ଅଧିକାରୀ ଅଚ୍ୟୁତ ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଅଭିଯୋଗ ଥିବା ସ୍ଥାନରେ ଚଢ଼ାଉ କରିଥିଲା ନଟ୍ ଫର୍ ସେଲ୍ ସିମେଣ୍ଟ ୪୦ ବସ୍ତା ସିମେଣ୍ଟ ମହଜୁଦ୍ ଥିବା ପ୍ରମାଣ ମିଳିବା ପରେ ତାକୁ ଜବତ କରାଯାଇଥିଲା ସ୍ଥାନୀୟ ଗ୍ରାମବାସୀଙ୍କୁ ସାକ୍ଷୀ ରଖି ଏହି ସିମେଣ୍ଟକୁ ପୁଲିସ୍ ନିଜ ହେପାଜତକୁ ନେଇଛି ଏପଟେ ସିମେଣ୍ଟ ମହଜୁଦ୍ ରଖିଥିବା ଘର ମାଲିକଙ୍କୁ ପୁଲିସ୍ ପଚରାଉଚରା କରି ସିମେ□ କିଣିବାର କାଗଜପତ୍ର ମାଗିଛି ଘରୋଇ କାର୍ଯ୍ୟରେ ଏହି ସିମେଣ୍ଟ ବ୍ୟବହାର ହେବା ଘଟଣାକୁ ସମସ୍ତେ ନିନ୍ଦା କରିଛନ୍ତି ସରକାରୀ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା ସିମେ□କୁ ବାହାରେ ବିକ୍ରି ହେବା ଘଟଣାକୁ ଅସ୍ତରଙ୍ଗର ସିମେଣ୍ଟ ବ୍ୟବସାୟୀ ବିଚିତ୍ରାନନ୍ଦ ସ୍ୱାଇଁ ଓ ଦିଲ୍ଲୀପ ମହାନ୍ତି ଘୋର ନିନ୍ଦା କରିଛନ୍ତି ସେମାନେ କହିବା କଥା କୌଣସି ନା କୌଣସି ଠିକାଦାର ଠାରୁ ଏହି ସିମେଣ୍ଟ କିଣାଯାଇଛି ଏଭଳି ଅନିୟମିତତା କାର୍ଯ୍ୟ ଚାଲିଲେ ସେମାନଙ୍କର ବ୍ୟବସାୟରେ କ୍ଷତି ହେବା ଅନିୟମିତତା ଆଗକୁ ବଢିବାତେଣୁ ଘଟଣାକୁ ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବିକରିଛନ୍ତି ଅନ୍ୟପକ୍ଷରେ ଅଭିଯୋଗ ଘଟଣାକୁ ନେଇ ଖବର ଲେଖା ପର୍ଯ୍ୟନ୍ତ ପୁଲିସ୍ ପକ୍ଷରୁ କୌଣସି ମାମଲା ହୋଇନଥିବା ଓ ତଦନ୍ତ ଜାରିରହିବା ସାମୁଦ୍ରିକ ଥାନା ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

## ବିଦ୍ୟାଳୟ ରେ ନଳକୂପ ଅଚଳ, ମରାମତି ଦାବି



କନ୍ଧମାଳ:(ମହାଭାରୀତ):କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ କୁଡୁତେଲି ପଞ୍ଚାୟତ ପ୍ରେମାକିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ପାନୀୟ ଜଳ ଅଭାବ ଦେଖାଯାଇଛି । ଉକ୍ତ ବିଦ୍ୟାଳୟ ନିକଟରେ ଥିବା ଏକ ନଳକୂପ ର୍ଦିଘ ମାସରୁ ଅଚଳ ହୋଇପଡି ରହିଛି । ଫଳରେ କୁନି କୁନି ଛାତ୍ରଛାତ୍ରୀମାନେ ପାଣି ନପାଇ ତହଳବିକଳ ହେଉଛି । ନଳକୂପ ମରାମତି ପାଇଁ ବାରମ୍ବାର ଦାବି କରିଛନ୍ତି କିନ୍ତୁ ମରାମତି ହୋଇପାରୁ ନାହିଁ ବୋଲି କହିଛନ୍ତି ଗ୍ରାମବାସୀ । ଯାହା ଫଳରେ ବିଦ୍ୟାଳୟ ଛାତ୍ରଛାତ୍ରୀ ପାନୀୟ ଜଳ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

## ଫିରିଙ୍ଗିଆ ପଳାବୃଡି ଅଞ୍ଚଳରେ କଳରା ପତରିଆ ବାଘ ଆତଙ୍କ



କନ୍ଧମାଳ:(ମହାଭାରତ୍):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବନାଞ୍ଚଳ ପଳାବୃଡି ପଞ୍ଚାୟତ ଅଞ୍ଚଳରେ ବୁଲୁଛି ଏକ କଲରାପତରିଆ ବାଘ। ଏନେଇ ପ୍ରଚାର ହେବା ପରେ ଆଖପାଖ ଅଞ୍ଚଳର ଲୋକ ଭୟଭୀତ ହୋଇପଡ଼ିଛନ୍ତି। ଫୁଲବାଣୀ ଗୋଛାପଡ଼ା ରାସ୍ତାର ମୁସୁଲିପାଙ୍ଗା ଗ୍ରାମ କଡ଼ିସରୁ ଜଙ୍ଗଲଠାରେ ଏହି କଲରାପତରିଆ ରାସ୍ତା ପାର୍ କରୁଥିବା ଦେଖିବାକୁ ମିଳିଛି। ଶନିବାର ରାତିରେ ଟେଲାପାଲି ଗାଁର ରଘୁନାଥ ଦିଗଲ ଗାଡ଼ିରେ ଫୁଲବାଣୀରୁ ଗୋଛାପଡ଼ା ଯାଉଥିଲେ। ଏହି ସମୟରେ ବାଘଟି ରାସ୍ତା ପାର୍ କରି ଯାଉଥିବାର ସେ ଦେଖିଥିବା କହିଛନ୍ତି। ଫିରିଙ୍ଗିଆ ରେଞ୍ଜର୍ ପ୍ରଦୋଷ ମହାକୁଡ଼ କହିଛନ୍ତି, ଗତ ୬ ମାସ ହେବ ବାଘ ବୁଲୁଥିବା ସୂଚନା ରହିଛି। ପାଦଚିହ୍ନ ମିଳିବା ପରେ ଟ୍ରାପ୍ କ୍ୟାମେରା ଲଗାଇ ବାଘ ଠାବ କରିବା ପାଇଁ ଚେଷ୍ଟା କରାଯାଇଥିଲା । କିନ୍ତୁ ବାଘର ସନ୍ଧାନ ମିଳି ନ ଥିଲା । ବନ ବିଭାଗ ପକ୍ଷରୁ ନଜର ରଖାଯାଇଥିବା ବେଳେ ଲୋକଙ୍କୁ ଭୟଭୀତ ନହେବା ପାଇଁ ଅନୁରୋଧ କରିଛନ୍ତି ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ପ୍ରଦୋଷ କୁମାର ମହାରଣା।

# ନାଳ ପାଣି ହିଁ ଭରଷା

କନ୍ଧମାଳ (ମହାଭାରତ):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ କଣପଙ୍ଗା ଗାଁ ଅନ୍ତର୍ଗତ ,କଣପଙ୍ଗା ଗ୍ରାମ ବାସୀ ନାଳ ପାଣି ହିଁ ଭରଷା। ଏହି ଦିଗରେ ପାନୀୟଜଳ ଜଳ ସମସ୍ୟା କୁ ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ର୍ଦିଘ ବର୍ଷ ବର୍ଷ ଧରି ଏଠାକାର ଗୋଟିଏ ସାହିର ଲୋକେ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ଖରା ବର୍ଷା ସବୁ ବେଳେ ପାନୀୟଜଳ ପାଇଁ ଅଞ୍ଚଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖିନ



ହେଉଥିବା ଦେଖିବାକୁ ମିଳିଛି । ଖରା ଦିନେ ନାଳ ଚୁଆ ପାଣି ବ୍ୟବହାର କରୁଥିବା ବେଳେ ବର୍ଷା ଦିନେ ବହୁତ ଅସୁବିଧା ସମ୍ମୁଖୀନ ହେଉଥିବା କହିଛନ୍ତି । ଅନ୍ୟ ପଟେ ଏହି ପାନୀୟଜଳ ଅସୁବିଧା କୁ ନେଇ ବାରମ୍ବାର ପ□ାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ କେହି ଶୁଣୁନାହାନ୍ତି ବୋଲି କହିଛନ୍ତି । ସରକାର ପାନୀୟଜଳ ସୁବିଧା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରନ୍ତି ସତ କିନ୍ତୁ କେତେକ ସ୍ଥାନରେ ଆଜି ଚୂଆ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ କଣପଙ୍ଗା,ଗାଁ ସାହିରେ ନଳକୂପ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ତପଇ ବିନ୍ଧାଣୀ ଗାଲୁ ବିନ୍ଧାଣୀ ଦିକରୀ ବିନ୍ଧାଣୀ ନିଦ୍ରାବତୀ ବିନ୍ଧାଣୀ ନିରଞ୍ଜନ ବିନ୍ଧାଣୀ ଦାଶରଥ ବିନ୍ଧାଣୀ ବିଶ୍ୱନାଥ ବିନ୍ଧାଣୀ ପର୍ଶୁରାମ ବିନ୍ଧାଣୀ ବନ୍ଧୁକ ବିନ୍ଧାଣୀ କୈଳାସ ବିନ୍ଧାଣୀ ପାର୍ବତୀ ବିନ୍ଧାଣୀ କମଳା ବିନ୍ଧାଣୀ ସରୋଜିନୀ ବିନ୍ଧାଣୀ ଜିଙ୍କ ବିନ୍ଧାଣୀ ସରସ୍ତୀ ବିନ୍ଧାଣୀ ମିଙ୍କି ବିନ୍ଧାଣୀ ସୁମିତ୍ରା ବିନ୍ଧାଣୀ ସମେତ କଣପଙ୍ଗା ଗ୍ରାମବାସୀ ଦାବି କରିଛନ୍ତି ।

## ୧୪ ତମ ଆର ପି ଡି ଏ ସି ବୈଠକ ଅନୁଷ୍ଠିତ




ଅନୁଗୋଳ,(ମହାଭାରତ): ଆଜି ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷ ଠାରେ ମହାନଦୀ କୋଇଲା ଖଣି ସଂସ୍ଥା (ଏମ ସି ଏଲ) ର ୧୪ ତମ ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି (ଆର ପି ଡି ଏ ସି) ବୈଠକ ଉତ୍ତରା□ଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମାନ୍ୟବର ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ମାନ୍ୟବର ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ମାନ୍ୟବର ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲାପରିଷଦ ଅଧକ୍ଷା ବବିତା ପ୍ରଧାନ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଅବଦୁଲ ଏମ ଅଖତାର ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଏହି ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ଏହି ବୈଠକରେ ମୋଟ ୧୮ ଟି ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକ ରେ କଣିହାଁ ର ପଥରମୁଣ୍ଡା ( ୩୩ ଟି ପରିବାର), ହିଲୋଇ ( ନୂଆସାହି) ଓ ଏକଡାଲ ( ଏମ ସି ଏଲ୍ ଜଗନ୍ନାଥ ଏରିଆ), ଅରକପାଲ ଓ ତାଳବେଡା ( ଏମ ସି ଏଲ ଭୁବନେଶ୍ୱରୀ ଏରିଆ), ହିଂସମୁଲ ଓ ତାଳସାହି ( ଏମ ସି ଏଲ ଭୁବନେଶ୍ୱରୀ ଏରିଆ), କଂସମୁଣ୍ଡା ( ଏମ ସି ଏଲ କଣିହାଁ ଏରିଆ), ଆମ୍ବପାଳ ( ଏମ ସି ଏଲ୍ ହିଙ୍ଗୁଳା ) ଇତ୍ୟାଦି ଗ୍ରାମ ର ବିସ୍ଥାପିତ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକ ରେ ଆଲୋଚନା ହୋଇଥିଲା। ବିସ୍ଥାପିତ ଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ, ବିସ୍ତୃତ ଭାବେ ଶୁଣାଣୀ କରାଯାଇ ସମାଧାନ ବାହାର କରାଯିବା ପାଇଁ ବୈଠକ ରେ ନିଷ୍ପତି ନିଆଗଲା। ସେହି ପରି ଆର୍ ପି ଡି ଏ ସି ବୈଠକ କୁ ଚାରି ମାସକୁ ଥରେ ଆୟୋଜନ କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ବିସ୍ଥାପିତ ମାନଙ୍କ ଦାବିକୁ ସକାରାତ୍ମକ ଭାବେ ବିଚାରକୁ ନେବା ପାଇଁ କେନ୍ଦ୍ର ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ବୈଠକ ରେ ଅନ୍ୟ ମାନଙ୍କ ମଧରେ ଆଇ ଜି ସତ୍ୟବ୍ରତ ଭୋଇ, ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ସହକାରୀ ଜିଲ୍ଲାପାଳ ସୁକାନ୍ତ ସାହୁ, ପ୍ରତାପ ହରି ପ୍ରଧାନ, ତାଳଚେର, କଣିହାଁ ଓ ଛେଣ୍ଡିପଦା ପଞ୍ଚାୟତ ସମିତି ଅଧକ୍ଷା/ ଅଧକ୍ଷ, ବିସ୍ଥାପିତ ମାନଙ୍କ ପ୍ରତିନିଧି, ଏମ ସି ଏଲ ଅଧିକାରୀ ବୃନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

## ୩୩ ଜଣ ଭୂମିହୀନ ହିତାଧିକାରୀଙ୍କୁ ପଟା ବଣ୍ଟନ।

ପରଜଙ୍ଗ (ମହାଭାରତ) ଏହି ତହସିଲ କାର୍ଯ୍ୟାଳୟ ଠାରେ ତହସିଲ ପକ୍ଷରୁ ବିଭିନ୍ନ ପଞ୍ଚାୟତ ରୁ ୩୩ ଜଣ ଭୂମିହୀନ ହିତାଧିକାରୀଙ୍କୁ ତହସିଲ ପକ୍ଷରୁ ୧ ଗୁଣ୍ଠ (୪ ଡିସିମିଲ)ପଟା ବ□ନ କରାଯାଇଛି ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା,ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶସ୍ୱିନି ରାଉତ ଯୋଗ ଦେଇ ପଟା ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ବିଧାୟକ ବିଭୂତି ଭୂଷଣ ପ୍ରଧାନ ପରଜଙ୍ଗରେ ଆବଶ୍ୟକତା ଅଛି । ପରଜଙ୍ଗ ରେ ଭବିଷ୍ୟତରେ ଷ୍ଟାଡିୟମ୍ , କୋର୍ଟ, ଏନ ଏ ସି ଘର ପାଇଁ ଅଧିକ ସରକାରୀ ଜମି ଦରକାର ହେବ ଏବଂ ଭୂମିହୀନ ହିତାଧିକାରୀଙ୍କୁ ମଧ ଜାଗା ଦରକାର ହେବ ଏ ନେଇ ସରକାରୀ ଜମି ଜବରଦଖଲ କରି ଥିବା ଜମି ଉଚ୍ଛେଦ କରି ଜାଗା ଚିହ୍ନଟ କରାଯାଉ ବୋଲି ପରଜଙ୍ଗ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେୟ ଏବଂ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ୩ ଟି କାର୍ଯ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ କହିଥିଲେ କି ପ୍ରତ୍ୟେକ ଭୂମିହୀନ ହିତାଧିକାରୀମାନଙ୍କୁ ଚିହ୍ନଟ କରାଯାଉ ସେମାନଙ୍କୁ ଚାରି ଡ଼ିସିମିଲ ଜମି ପଟା ଦିଆଯିବ,କେତେକ ପଡା କୁ ରାଜସ୍ୱ ଗ୍ରାମ ରେ ଅନ୍ତର୍ଭୁକ୍ତ କରାଯିବ ଏବଂ ପ୍ରତ୍ୟେକ ସ୍କୁଲ,କଲେଜ ଓ ସରକାରୀ କାର୍ଯ୍ୟାଳୟକୁ ନିଜ ନାମରେ ଭିତ୍ତିଭୂମିର ବ୍ୟବସ୍ଥା କରାଯିବୟଏହି କାର୍ଯ୍ୟକ୍ରମକୁ ପରଜଙ୍ଗ ତହସିଲଦାର ଦିଲ୍ଲିପ କୁମାର ନାୟକ ,ଅତିରିକ୍ତ ତହସିଲଦାର ମୋନରଞ୍ଜନ ସାହୁ,ରଜ୍ୟସ୍ ଅଧିକାରୀ ଓ ସମସ୍ତ କର୍ମଚାରୀ ମାନେ ସାହାଯ୍ୟ ସହଯୋଗ କରିଥିଲେ।

## ବସ୍ତି ସୁରକ୍ଷା ମ□ ପକ୍ଷରୁ ପୌର ପରିଷଦ ସମ୍ମୁଖରେ ଥାଳି ବାଡେଇ ପ୍ରତିବାଦ




ଗଜପତି(ମହାଭାରତ):ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ଥାଳି ବାଡେଇ ବସ୍ତିବାସିନ୍ଦା ଏକତ୍ରିତ ହୋଇ ପ୍ରତିବାଦ କରିଥିଲେୟ କାରଣ ପୂର୍ବ ସରକାର ବସ୍ତିବାସିନ୍ଦାଙ୍କୁ ଘର ପଟ୍ଟା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମାତ୍ର ଆଜି ପର୍ଯ୍ୟନ୍ତ ତାହା ମିଳିଲାନି ।ବସ୍ତି ବାସିନ୍ଦାମାନେ ବର୍ତ୍ତମାନ ପିଲାମାନଙ୍କର ପାଠ ପଢା ସହ ଅନ୍ୟାନ୍ୟ ଅସୁବିଧାର ସମୁଖୀନ ହେଉଛନ୍ତି। ଆଗରୁ ଦୁଇ ଥର ଲିଖିତ ଆକାରରେ ଅଭିଯୋଗ ପତ୍ର ପ୍ରଦାନ କଲା ପରେ ମଧ କୌଣସି ସୁଫଳ ମିଳିଲା ନାହିଁ। ତେଣୁ ପୌରପରିଷଦର ନିଦ୍ରା ଭଙ୍ଗ କରିବା ପାଇଁ ପାରଳାଖେମୁଣ୍ଡି ର ଏକ ନଂ ୱାଡ୍ ଅଧିନରେ ଥିବା ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ହାତରେ ଥାଳି ବଜେଇ ପୌର ପରିଷଦକୁ ନିଦ୍ରାରୁ ଉଠେଇବା ପାଇଁ ଏଭଳି ପ୍ରୟାସ କରିବା କହିଛନ୍ତି ବସ୍ତିବାସିନ୍ଦା। ଯଦି ଆଗାମୀ ଦିନରେ ଦାବୀ ପୂରଣ ନ ହୁଏ ତାହାହେଲେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେବେ ବୋଲି ବସ୍ତି ସୁରକ୍ଷା ମ□ର ଆବାହକ ସୁଜିତ ପ୍ରଧାନ ଗଣମାଧମକୁ ସୂଚନା ଦେଇଛନ୍ତି।

## ହରିଙ୍କ ଭରସାରେ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା

## ଆମରଣ ଅନଶନ ସହ ଧାରଣାରେ ବସିବାକୁ ସରପଞ୍ଚଙ୍କ ଚେତାବନୀ

ପରଜଙ୍ଗ(ମହାଭାରତ) ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ପଞ୍ଚାୟତ ସମିତି ୬ଷ୍ଠ ସ୍ୱତନ୍ତ୍ର ବୈଠକରେ ଜୋର ଧରିଥିଲା ହରିଶ୍ଚନ୍ଦ୍ର ଯୋଜନାରେ ମିଳୁଥିବା ସହାୟତା ଟଙ୍କାର ତାତି। ଖରାର ପ୍ରକୋପ ଠାରୁ ଏହି ହରିଶ୍ଚନ୍ଦ୍ର ଯୋଜନା ଟଙ୍କାର ତାତି ବେଶ ଅଧିକ ଥିଲା। ଗତ ୫ ମାସ ଧରି ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ପାଉନାହାନ୍ତି ସରପ□। ଏ ନେଇ ପରଜଙ୍ଗ ବ୍ଲକ ସରପ□ ଦାୟିତ୍ୱରେ ଥିବା ସମିତି ବୈଠକରେ ଦୃଷ୍ଟି ଆକର୍ଷଣ କରିବା ସହ ପଦକ୍ଷେପ ଗ୍ରହଣ କରାନଗଲେ ଆମରଣ ଅନଶନ ସହ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ପଞ୍ଚାୟତରେ ଗତ ପାଁ□ ମାସ ଧରି ୨ ୫ ଜଣ ଙ୍କ ର ହରିଶ୍ଚନ୍ଦ୍ର




ଯୋଜନା ଟଙ୍କା ବକେୟା ରହିଛି। ଏ ନେଇ ସ୍ୱତନ୍ତ୍ର ପୋର୍ଟାଲରେ ଆବେଦନ ପରେ ମଧ ତାହା ରିଜେକ୍ଟ କରି ଦିଆଯାଇଛି। ଯାହାକୁ ନେଇ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୋସିଆଲ ମିଡ଼ିଆ 'ଏକ୍ସ ' ମାଧମରେ ଟୁଇଟ କରିଛନ୍ତି ରୋଡ଼ ସରପ□। ଏ ନେଇ ପଞ୍ଚାୟତ ସମିତି ବୈଠକରେ ବେଶ କିଛି ସମୟ ଧରି ସରଗରମ ହୋଇଥିଲା। ଯାହାକୁ ନେଇ ବିସ୍ତୃତ ଆଲୋଚନା କରିଥିଲେ ବିଡ଼ିଓ ସୌଭାଗ୍ୟ ବେହେରା। ବ୍ଲକର ସବୁ ପଂଚାୟତରେ ଏଭଳି ସମସ୍ୟା ପୋର୍ଟାଲ ସାଇଡରେ ରିଜେକ୍ଟ ହୋଇଥିବା ସେ ପ୍ରକାଶ କରିଛନ୍ତ। ସେପଟେ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ନ ମିଳିଲେ ଆମରଣ ଅନଶନ ସହ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ସରପ□ମାନେ।

## ପଙ୍କଉଦ୍ଧାରଣ ଏକାଦଶୀ ତିଥିରେ ଭକ୍ତଙ୍କୁ ଦର୍ଶନ ଦେଲେ ପ୍ରଭୁ ଶ୍ରୀ ଜଗନ୍ନାଥ



- ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିରରେ ପଙ୍କ ଉଦ୍ଧାରଣ ଏକାଦଶୀରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି ।ଆଜି ବିଜୟ ଏକାଦଶୀ ବା ପଙ୍କ ଉଦ୍ଧାରଣ ଏକାଦଶୀରେ ଭକ୍ତମାନେ ଭୋରରୁ ସ୍ନାନ ସାରି ଠାକୁରଙ୍କ ଦର୍ଶନ କରିବା ପାଇଁ ଆସିଥିଲେ ।ଫାଲଗୁନ ମାସର କୃଷ୍ଣପକ୍ଷ ଏକାଦଶୀ ହୋଇ ଥିବାରୁ ଭୋରରୁ ଠାକୁରଙ୍କର ନୀତିକାନ୍ତି କରାଯାଇଛି ।।

## ଫିରିଙ୍ଗିଆ ବ୍ଲକ ପରିସରରେ ଅନୁଷ୍ଠିତ ହେଲା ପଞ୍ଚାୟତ ସମିତି ର ଦଶମ ସାଧାରଣ ବୈଠକ

କନ୍ଧମାଳ:(ମହାଭାରତ):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପରିସାରରେ ଥିବା ସଭାଗୃହ ଠାରେ ପଞ୍ଚାୟତ ସମିତି ର ଦଶମ ସାଧାରଣ ବୈଠକ ଅନୁଷ୍ଠିତ ହୋଉଯାଇଛି ଓ ଗୋଷ୍ଠି ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକ ରେ ପଞ୍ଚାୟତ ସମିତି ଅଧକ୍ଷା ନମିତା କହଁର ଙ୍କ ସହ ସଂସଦ ପ୍ରତିନିଧି ଗୋଲକ ବିହାରୀ କହଁର, ଜିଲ୍ଲାପରିଷଦ ସଭ୍ୟ ନୀଳଗିରି ଦିଗାଲ, ଜିପିଇଓ ସୁରଜ କଣ୍ଡୁଳନା,ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନା, ମନରେଗା ସମ୍ପ୍ରସାରଣ ଅଧିକାରୀ ସୁମନ୍ତ କୁମାର ଉଠାଣ ସିଂ, ମହିଳା ଓ ଶିଶୁ ବିକାଶ ଅଧିକାରୀ ନିବେଦିତା ପ୍ରଧାନ ଓ ବ୍ଲକ ଅଧୀନରେ କାର୍ଯ୍ୟରତ ସମସ୍ତ କନିଷ୍ଠ ଯନ୍ତ୍ରୀ, ସରପ□, ସମିତି ସଭ୍ୟ ଉପସ୍ଥିତ ଥିଲେ ଓ ପୂର୍ବ ବୈଠକ ଭଳି ଚଳିତ ବୈଠକରେ ମଧ୍ୟ ବ୍ଲକ ଅଧୀନରେ ଥିବା ବିଭିନ୍ନ ବିଭାଗ ଯଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ପାନୀୟ ଜଳ ଓ ପରିମଳ ବିଭାଗ,ଶିକ୍ଷା ବିଭାଗ, ବନ ବିଭାଗ,ସାଧାରଣ ବଣ୍ଟନ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ,କୃଷି ଉଦ୍ୟାନ ମସ୍ୟ ଓ ପଶୁସମ୍ପଦ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ରହି ନିଜନିଜ ବିଭାଗ ଦ୍ୱାରା କରାଯାଉଥିବା ଉନ୍ନୟନ କାମ ବିଷୟରେ ବିବରଣୀ ରଖିଥିଲେ ।ସେପଟେ ବୈଠକ ଅବସରରେ ପୂର୍ବ ବୈଠକ ରେ ହୋଇଥିବା ଅଭଯୋଗ ଓ ତାର କିଭଳି ସମାଧାନ ହୋଇଛି ସେବିଷୟରେ ଗୋଷ୍ଠି ଉନ୍ନୟନ ଅଧିକାରୀ ଙ୍କ ସହ ଉପସ୍ଥିତ ବିଭିନ୍ନ ବିଭାଗ ର ଅଧିକାରୀ ମାନେ ମତ ଉପସ୍ଥାପନ କରିଥିଲେ ଓ ତେବେ ବିଶେଷ କରି ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇସାରିଥିବା ବେଳେ ବିଭିନ୍ନ ଗ୍ରାମା□ଳ ମାନଙ୍କରେ ପାନୀୟ ଜଳର ସମସ୍ୟା ଦେଖାଦେଇଛି । ଏହି ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବୈଠକ ରେ ଜନପ୍ରତିନିଧି ମାନେ ହୋ ହାଲ୍ଲା କରିଥିବା ବେଳେ ବିଭିନ୍ନ ଗ୍ରାମାଞ୍ଚଳ ମାନଙ୍କରେ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ମାନଙ୍କରେ ମହିଳା ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ନିଯୁକ୍ତି ମିଳିଥିଲେ ମଧ୍ୟ ସେହି ସ୍ୱାସ୍ଥ୍ୟ କର୍ମୀ ମାନେ କେନ୍ଦ୍ର ମାନଙ୍କରେ ରହୁନଥିବାରୁ ବୈଠକ ରେ ଜନପ୍ରତିନିଧି ମାନେ ଉଦବେଗ ପ୍ରକାଶ କରିଥିଲେ ।

# ସ୍ୱାସ୍ଥ୍ୟ କେନ୍ଦ୍ର ପାଲଟିଛି ଆବର୍ଜନା କେନ୍ଦ୍ର

## ଦୁର୍ଗନ୍ଧ ରେ ଫାଟି ପଡୁଛି ଇ ଏସ ଆଇ ସି ମେଡିକାଲ ପରିସର

ଅନୁଗୋଳ,(ମହାଭାରତ):ଆଜକୁ ପାଞ୍ଚ ଦିନ ହେବ ଇ.ଏସ.ଆଇ.ସି ହସ୍ପିଟାଲ ରେ କାର୍ଯ୍ୟରତ ଠିକା ସଫେଇ କର୍ମଚାରୀ ଙ୍କ ଆନ୍ଦୋଳନ ଫଳରେ ସମ୍ପୂର୍ଣ୍ଣ ହସ୍ପିଟାଲ୍ ଟି ଏବେ ଦୁର୍ଗନ୍ଧ ରେ ଫାଟି ପଡୁଛି । ଯେଉଁ ଆଡେ ଦେଖିବେ ଖାଲି କୁଡ଼ କୁଡ଼ ଅଳିଆ ଆବର୍ଜ୍ଜନା, ରୋଗୀ ଚିକିତ୍ସା ପାଇଁ ଆସୁଥିଲେ ମଧ ଏଭଳି ପରିବେଶ ଦେଖି ପଳାଇ ଯାଉଥିବା ବେଳେ ଚିକିତ୍ସିତ ହେଉଥିବା ରୋଗୀ ଙ୍କୁ ମଧ ହସ୍ପିଟାଲ ପକ୍ଷରୁ ଘରକୁ ପଠାଇ ଦିଆଯାଉଛି । ଆପଣଙ୍କ ଯଦି ସମ୍ପୂର୍ଣ୍ଣ ପରିବେଶ ଟିକୁ ଦେଖିବେ ତେବେ ଡ଼ାକ୍ତରଖାନା ରୁ ବାହାରୁ ଥିବା ବର୍ଜ୍ୟବସ୍ତୁ ସହିତ ରୋଗୀ ଙ୍କ ପାଇଁ ହେଉଥିବା ଖାଦ୍ୟ , ଅପରିଷ୍କାର ବେଡ୍ ସିଟ , ଫଳ ଓ ପନିପରିବା ଚୋପା ରେ ପରିବେଶ ଅସ୍ୱାସ୍ଥ୍ୟକର ହୋଇ ପଡ଼ିଥିବା ବେଳେ ରୋଗୀଙ୍କ ସହିତ ଆସୁଥିବା ସହାୟକ ମଧ ଏକ ପ୍ରକାର ରୋଗୀ ପାଲଟି ଯାଇଥିବା ଅଭିଯୋଗ ହୋଇଛି । ତେବେ ସମ୍ପୂର୍ଣ୍ଣ ଘଟଣା ଟି ଦେଖିବାକୁ ମିଳିଛି



ଅନୁଗୋଳ ଜିଲ୍ଲା ବଣ୍ଟାରପାଳ ବ୍ଲକ ଅନ୍ତର୍ଗତ ବଳରାମ ପ୍ରସାଦ ଠାରେ ରାଜ୍ୟ ବିମା ନିଗମର ଶହେ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍ପିଟାଲ ଗତ ତିନିବର୍ଷ ହେଲାଣି ଚାଲିଛି । ମାତ୍ର ହସ୍ପିଟାଲ ପରିଚାଳନରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମନମାନୀ ଯୋଗୁଁ ନାନା ସମସ୍ୟା ମଧ୍ୟରେ ହସ୍ପିଟାଲ ଗତିକରୁଛି । ହସ୍ପିଟାଲ କର୍ତ୍ତୃପକ୍ଷ ବହୁ ସମୟରେ ଦୀର୍ଘ ଦିନ ଧରି ଛୁଟିରେ ରହୁଥିବାରୁ ଦାୟିତ୍ୱରେ ରହୁଥିବା ଅଧିକାରୀ ଆବଶ୍ୟକ ନିଷ୍ପତି ଗ୍ରହଣ କରିପାରୁ ନାହାନ୍ତି । ତେଣୁ ସମସ୍ୟା ବଢ଼ିଚାଲିଛି । ସୂଚନା ଅନୁସାରେ ଏ.ଡି.ଏସ୍ ଗ୍ରୁପ ନାମକ ଦିଲ୍ଲୀର ଏକ ଠିକା ସଂସ୍ଥା ଏହି ଇଏସଆଇସି ହସ୍ପିଟାଲର ପରିମଳ ତଥା ସଫେଇ କାର୍ଯ୍ୟ ତୁଲାଉଛନ୍ତି । ସ୍ଥାନୀୟ ଅ□ଳର ୮ଜଣ ମହିଳାଙ୍କ ସମେତ ୨୬ ଜଣ ଦଳିତ ଏବଂ ଗରିବ ଶ୍ରେଣୀର ଲୋକ ୩ ବର୍ଷ ହେଲାଣି ନିୟମିତ ସଫେଇ କାର୍ଯ୍ୟ ନିର୍ବାହ କରି ଆସୁଛନ୍ତି । ମାତ୍ର ଇତି ମଧ୍ୟରେ କେବେ ବି ସେମାନେ ନିୟମିତ ଭାବେ ଦରମା ପାଉନାହାନ୍ତି । ଗତ ତିନି ମାସର ଦରମା ନ ପାଇ ଆର୍ଥିକ ଅନାଟନରେ ସଫେଇ କର୍ମଚାରୀ ମାନେ ଭାଙ୍ଗି ପଡ଼ିଛନ୍ତି । ଠିକାଦାରଙ୍କ ଦ୍ୱାରା ନିଯୁକ୍ତ ଏହି ସଫେଇ କର୍ମଚାରୀଙ୍କ କମ୍ପାନୀ ନିୟମ ଅନୁସାରେ ଇଏସଆଇ ଅନ୍ତର୍ଭୁକ୍ତ ବାଧ୍ୟତାମୂଳକ ହୋଇଥିବା ବେଳେ ସମ୍ପୃକ୍ତ ଠିକା ସଂସ୍ଥା ଏଥିରୁ କର୍ମଚାରୀଙ୍କୁ ବଞ୍ଚିତ କରିଛନ୍ତି । ସମସ୍ତ ଠିକା କର୍ମଚାରୀଙ୍କର ମଧ ପିଏଫ ଆକଉ□ ନାହିଁ । ଏହି ସଫେଇ କର୍ମଚାରୀଙ୍କ ଡ୍ରେସ କୋଡ୍, ସୁରକ୍ଷା ନିମି□ ମାସ୍କ, ହ୍ୟାଣ୍ଡ ଗ୍ଲୋଭ, ଜୋତା, ଆଇକାର୍ଡ ଆଦି ସୁବିଧାରୁ ବଞ୍ଚିତ କରିଛି ଏହି ଠିକ ସଂସ୍ଥା ଓ ତେବେ ପ୍ରଶ୍ନ ହେଉଛି ଠିକା ସଫେଇ କର୍ମଚାରୀଙ୍କ ଏ ଏଭଳି ଅବ୍ୟବସ୍ଥାକୁ ଦେଖି ହସ୍ପିଟାଲ କର୍ତ୍ତୃପକ୍ଷ କିଭଳି ଭାବେ କାମ କରିବାକୁ ଅନୁମତି ଦେଉଛନ୍ତି । ଅପରପକ୍ଷରେ ସଫେଇ କର୍ମଚାରୀଙ୍କୁ ପାଥୋଲୋଜି ଆଟେଣ୍ଡା□ କାମରେ ନିୟୋଜିତ କରାଯାଉଥିବା ଅଭିଯୋଗ ହେଉଛି । ରକ୍ତ ନମୁନା ସଂଗ୍ରହ କରିବା, ରୋଗୀଙ୍କ ଠାରେ ସାଲାଇନ ଲଗାଇବା ଆଦି କାମ କରିବାକୁ ମଧ୍ୟ ବାଧ୍ୟ କରାଯାଉଛି । ଅତିଷ୍ଠ ହୋଇ ଦରମା ମାଗିବାରୁ ଠିକା ସଂସ୍ଥାର ସୁପରଭାଇଜର ୧୦ଦିନ ହେଲାଣି ୮ଜଣ ସଫେଇ କର୍ମଚାରୀ ଙ୍କୁ କାମରୁ ଛଟେଇ କରି ଦେଇଛନ୍ତି । ଏ ସବୁର ପ୍ରତିବାଦରେ ଆଜି ସଫେଇ କର୍ମଚାରୀ ସମୂହ କାର୍ଯ୍ୟବନ୍ଦ କରି ହସ୍ପିଟାଲ ପ୍ରବେଶ ପଥରେ ଧାରଣାରେ ବସିଥିବାରୁ ପରିସ୍ଥିତି ନୟାନ୍ତ ହେବାକୁ ବସିଲାଣି ଓ ତେବେ ଏନେଇ ହସପିଟାଲ କର୍ତ୍ତୃପକ୍ଷ ଙ୍କୁ ପଚାରିବାରୁ ସେମାନେ ହାତ ଟେକି ଦେବା ସହ ଏହା ଏକ ଠିକା ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବାରୁ ଆମେ କିଛି କରି ପାରିବୁ ନାହିଁ ବୋଲି କହିଥିଲେ । ଅନ୍ୟ ପଟେ ଖବର ପ୍ରଘଟ ହେବା ଭୟରେ ସୁରକ୍ଷା କର୍ମୀ ଦେଖାଉଛନ୍ତି ନାଲି । କାହା ଅନୁମତିରେ ମେଡିକାଲ ଭିତରେ ପ୍ରବେଶ କଲେ ବୋଲି କରୁଛନ୍ତି ପ୍ରଶ୍ନ । ଆରମ୍ଭରୁ ଝୁଣ୍ଟେଲାଣି ଏହି ଇ ଏସ ଆଇ ସି ମେଡିକାଲ । କେବେ ସୁଧୁରିବ ମେଡିକାଲ ଅନ୍ୟମିତତା ଦେଖିବାକୁ ବାକି ରହିଲା ।

# ସିନ୍ଦେଙ୍କୁ ଗଣେଶ ନାଇକ୍‌ଙ୍କ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି):** ମହାରାଷ୍ଟ୍ରର ରାଜନୀତିରେ ବିଜେପି ଓ ଏକନାଥ ସିନ୍ଦେ ଯଦିଓ ଏକାଠି ସରକାର ଚଳାଉଛନ୍ତି , କିନ୍ତୁ ଉଭୟଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ମଧ୍ୟ ଜାରି ରହିଛି । ଏହି ମଧ୍ୟରେ ଏକନାଥ ସିନ୍ଦେଙ୍କୁ ଆଉ ଏକ ଚ୍ୟାଲେଞ୍ଜ ମିଳିଛି । ତାଙ୍କର ହିଁ ଗଡ଼ ଠାଣେରେ ବିଜେପିର ମନ୍ତ୍ରୀ ଗଣେଶ ନାଇକ୍ ସୋମବାର ଜନତା ଦରବାର ଲଗାଇଛନ୍ତି । ଏହା ବ୍ୟତୀତ ଆଗାମୀ ମାସରେ ପୁଣି ଥରେ ଜନତାଙ୍କ ଶୁଣାଣି କରିବା କଥା କହିଛନ୍ତି । ଗଣେଶ ନାଇକ ଏହି ସମୟରେ ଏକନାଥ ସିନ୍ଦେଙ୍କୁ ନେଇ କିଛି କହି ନାହାନ୍ତି, କିନ୍ତୁ ଇସାରାରେ ଖୁବ୍ ସୁନ୍ଦର ଟିପ୍ପଣୀ କରୁଛନ୍ତି । ଗଣେଶ ନାଇକ୍ କହିଛନ୍ତି କି, ରାଜନୀତିରେ କିଛି ବି ଜିନିଷ ସ୍ଥାୟୀ ରହେ ନାହିଁ । ନେତୃତ୍ୱ ବଦଳି ଚାଲିଛି । ଏହି ଜିନିଷ ତ ଜନତାଙ୍କ ସ୍ୱୀକାର୍ଯ୍ୟତା ଉପରେ ମଧ୍ୟ ନିର୍ଭର କରିଥାଏ କି କାହାର ପ୍ରଭାବ ରହିବ । ସେ ଏହା ବି କହିଛନ୍ତି ଯେ, ଏବେ ଆଗାମୀ ମାସରେ ପୁଣି ଥରେ ସେ ଠାଣେରେ ଜନତା ଦରବାର ଲଗାଇବେ । ଗତ ଅନେକ ସପ୍ତାହରୁ ଏକନାଥ ସିନ୍ଦେ ଓ ବିଜେପି ମଧ୍ୟରେ ମତଭେଦର ଖବର ଚାଲୁଛି । ଗୋଟେପଟେ ଗଣେଶ ନାଇକ୍ ଏକନାଥ ସିନ୍ଦେଙ୍କ ଗଡରେ ଜନତା



ଦରବାର ଲଗାଇବାରୁ , ଗତ ଦିନରେ ଏକନାଥ ସିନ୍ଦେ କହି ଥିଲେ କି , ମୋତେ ହାଲକାରେ ନିଅନ୍ତୁ ନାହିଁ । ସେ କହି ଥିଲେ ଯେ, ମୁଁ ୨୦୨୨ରେ ସରକାର ବଦଳାଇ ଦେଇ ଥିଲି । କାହାକୁ ମୋତେ ହାଲକାରେ ନେବା ଉଚିତ୍ ନୁହେଁ । ଠାଣେର ବିଜେପି ନେତା ସଞ୍ଜୟ ବାଘେଲ କହିଛନ୍ତି ଯେ, ଜନତା ଦରବାରରେ ୪୦୦ ଟୋକନ ବଣ୍ଟା ଯାଇଛି । ଏହି ସମୟରେ ନାଗରିକ ସମୟ ସକାଳ ୮ଟାରୁ ହିଁ ଆସିବାରେ ଲାଗି ଥିଲେ । ଗଣେଶ ନାଇକ୍ ପଡୋଶୀ ନଭି ମୁମ୍ବାଇରୁ ବିଧାୟକ । କିନ୍ତୁ ଗୋଟେ ସମୟରେ ତାଙ୍କର ଠାଣେରେ ଜଲୱା ଥିଲା ଏବଂ ଏବେ ସେ ପୁଣି ଥରେ ଏଠାରେ ନିଜର ପ୍ରଭାବ ବିସ୍ତାର କରିବାକୁ ଚାହାନ୍ତି । କୁହାଯାଉଛି ଯେ, ବିଜେପି ନେତୃତ୍ୱଙ୍କ ପକ୍ଷରୁ ମଧ୍ୟ ଗଣେଶ ନାଇକଙ୍କୁ ପ୍ରମୋଟ୍ କରାଯାଉଛି, ଯାହାକି ଏକନାଥ ସିନ୍ଦେଙ୍କୁ କଣ୍ଟ୍ରୋଲ କରାଯାଇ ପାରିବ । ବନ ବିଭାଗ ମନ୍ତ୍ରୀ ଗଣେଶ ନାଇକଙ୍କ କହିବା ହେଲା କି , ସେ ଏଥିପାଇଁ ଠାଣେରେ ଦରବାର ଲଗାଉଛନ୍ତି, ଯାହାକି ଲୋକଙ୍କୁ ନିଜର ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଲମ୍ବା ଯାତ୍ରା କରିବାକୁ ପଡ଼ିବ ନାହିଁ । ସେ କହିଛନ୍ତି ,ବିଜେପିକୁ ଠାଣେରେ ମଧ୍ୟ ଲଗାତାର ଶକ୍ତି ମିଳୁଛି । ସେ କହିଛନ୍ତି ଯେ , ରାଜନୀତିରେ ଅବନତି ଉନ୍ନତି ଆସିବା ଯିବା ଲାଗି ରହିଥାଏ । କିନ୍ତୁ ମୁଖ୍ୟ ଜିନିଷ ତ ଜନତାଙ୍କ ମଧ୍ୟରେ ଇମେଜ୍ ଓ ସ୍ୱୀକାର୍ଯ୍ୟତା । ଏହି କାର୍ଯ୍ୟକ୍ରମରେ ଏନସିପିର ବିଧାୟକ ସଞ୍ଜୟ କେଲକର ଓ ଏମଏଲସି ଓ ନିରଞ୍ଜନ ଦାଭଖେରେ ମଧ୍ୟ ସାମିଲ ଥିଲେ । ଗଣେଶ ନାଇକ୍ ଏମିତି ତ ପାଲଘର ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ଅଛନ୍ତି, କିନ୍ତୁ ଠାଣେରେ ମଧ୍ୟ ଦରବାର ଲଗାଉଛନ୍ତି । ସେ ଶିବସେନା ନେତା ପ୍ରତାପ ସରନାଇକଙ୍କ ପକ୍ଷରୁ ପାଲଘରରେ ଜନତା ଦରବାର ଲଗାଇବାର ନିଷ୍ପତ୍ତିକୁ ସଠିକ୍ ଭାବିଛନ୍ତି ଏବଂ କହିଛନ୍ତି ଯେ, ଏଥିରେ କିଛି ମଧ୍ୟ ଭୁଲ୍ ନାହିଁ । ଗଣେଶ ନାଇକ୍ କହିଛନ୍ତି କି, ମୁଁ ଉଭୟ ଜିଲ୍ଲାର ପ୍ରତି ଜାଗାକୁ ଯିବି ଏବଂ ଲୋକଙ୍କ ସମସ୍ୟାର ସମାଧାନ କରିବି । ନାଇକ୍‌ଙ୍କ ପୁଅ ସଞ୍ଜୀବଙ୍କ କହିବାନୁସାରେ , ସିଏମ୍ ଫଡଣଭିସ୍ କହିଛନ୍ତି କି ଜନତା ଦରବାର ଲଗାଯାଉ, ଯାହାକି ଲୋକଙ୍କ ଯାଏ ପହଞ୍ଚି ପାରିବା । ତାଙ୍କର କାମ ମନ୍ତ୍ରଣାଳୟ ଆସିବା ବିନା ପୂରା ହୋଇ ପାରିବ ।

## ମହାକୁମ୍ଭର ସଫେଇ କର୍ମଚାରୀଙ୍କୁ ସମ୍ବୋଧିତ କରିବେ ଯୋଗୀ ଆଦିତ୍ୟନାଥ

**ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି):** ମହାକୁମ୍ଭରେ ପବିତ୍ର ବୁଡ ପକାଇବା ପାଇଁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢିବାରେ ଲାଗିଛି । ରିପୋର୍ଟ ଅନୁସାରେ ୧୩ ଜାନୁଆରୀରୁ ଏପର୍ଯ୍ୟନ୍ତ ୬୨ କୋଟି ରୁ ଅଧିକ ଶ୍ରଦ୍ଧାଳୁ ବୁଡ ପକାଇସାରିଛନ୍ତି । ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁଙ୍କ ବହୁସଂଖ୍ୟାରେ ଭିଡ ଥାଇ ମଧ୍ୟ ସଙ୍ଗମ ସ୍ଥଳ ସଫାସୁତୁରା ଏବଂ ଅନ୍ୟ ବ୍ୟବସ୍ଥା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଖୁବ୍ ଭଲରେ ବଜାୟ



ରହିଛି । ପିଏମ ମୋଦି ମଧ୍ୟ ମହାକୁମ୍ଭରେ ସଫାସୁତୁରା କରୁଥିବା କର୍ମଚାରୀଙ୍କୁ ଖୁବ୍ ପ୍ରଶଂସା କରିଥିଲେ । ଏବେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ସଫେଇକର୍ମଚାରୀଙ୍କୁ ସମ୍ମାନୀତ କରିବା ପାଇଁ ଘୋଷଣା କରିଛନ୍ତି । ପ୍ରୟାଗରାଜ କୁମ୍ଭମେଳା ଶେଷ ହେବାକୁ ଆଉ ମାତ୍ର ୪ ଦିନ ରହିଲା । ମହାଶିବରାତ୍ରୀରେ ଶେଷ ସ୍ନାନ କରିବେ ଶ୍ରଦ୍ଧାଳୁ । ତେବେ ଶେଷ ସ୍ନାନ ପାଇଁ ମହାକୁମ୍ଭରେ ଭିଡ ଆହୁରି ବଢିବାରେ ଲାଗିଛି । ଗତ ୪ ଦିନରେ ସିଏମ ଯୋଗୀ ତିନି ଥର ପ୍ରୟାଗରାଜ ପହଞ୍ଚି ତଦାରଖ କରିସାରିଛନ୍ତି । କେବେ ସାଧୁ ସନ୍ଥଙ୍କ ସହ ସାକ୍ଷାତ କରୁଛନ୍ତି ଆଉ କେବେ ଅଧିକାରୀମାନଙ୍କ ସହ ବୈଠକ କରୁଛନ୍ତି । ୟୁପି ସରକାର ସନାତନ ଧର୍ମର ଏହି ବଡ ଆୟୋଜନ ରେ ପୁରା ଶକ୍ତି ଲଗାଇଦେଇଛନ୍ତି ।

## ବାଂଲାଦେଶ ବାୟୁସେନା ଘାଟି ଉପରେ ଆକ୍ରମଣ, ୧ ମୃତ

**ଢାକା, ୨୫।୨ (ଏଜେନ୍ସି):** ବାଂଲାଦେଶର ବାୟୁସେନା ଷ୍ଟେସନ ଉପରେ ଆକ୍ରମଣ ହୋଇଛି । କକ୍ସ ବଜାରର ସମିତି ପଡ଼ା ନିକଟରେ ଥିବା ବାୟୁସେନା ଘାଟି ଉପରେ କେତେକ ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି । ବାଂଲାଦେଶର ଇଣ୍ଟର ସର୍ଭିସେସ୍ ପବ୍ଲିକ୍ ରିଲେସନ୍ସ (ଆଇଏସ୍ ପିଆର୍) ପକ୍ଷରୁ ଏକ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି । ଏହାର ଜବାବୀ କାର୍ଯ୍ୟାନୁଷ୍ଠାନରେ ଜଣେ ଆକ୍ରମଣକାରୀ ନିହତ ହୋଇଛନ୍ତି ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ବାଂଲାଦେଶ ଇଣ୍ଟର ସର୍ଭିସେସ୍ ପବ୍ଲିକ୍ ରିଲେସନ୍ସ ଅନୁଯାୟୀ, ଫେବ୍ରୁଆରୀ ୨୪ ତାରିଖ ସୋମବାର ଦିନ କିଛି ଦୁର୍ବୃତ୍ତ ହଠାତ କକ୍ସ ବଜାରସ୍ଥିତ ବାଂଲାଦେଶ ବାୟୁସେନା (ବିଏଏଫ୍) ବେସ୍ ଉପରେ ଆକ୍ରମଣ କରିଥିଲେ । ଦୁର୍ବୃତ୍ତମାନେ ସମିତି ପଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି । ଟିବିଏସ୍ ନ୍ୟୁଜ୍ ରିପୋର୍ଟ ଅନୁଯାୟୀ, କକ୍ସ ବଜାରର ଡେପୁଟି କମିଶନର ମହମ୍ମଦ ସଲାହୁଦ୍ଦିନ କହିଛନ୍ତି ଯେ ଅପରାହ୍ନରେ ସ୍ଥାନୀୟ ଲୋକ ଏବଂ ବିଏଏଫ୍ ଯବାନଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ଉଭୟ ପକ୍ଷଙ୍କ ସହ ଆଲୋଚନା ମାଧ୍ୟମରେ ଏହି ସଂଘର୍ଷର କାରଣ ଅନୁସନ୍ଧାନ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସଲାହୁଦ୍ଦିନ କହିଛନ୍ତି ।

## ୨ ହଜାର କର୍ମଚାରୀଙ୍କୁ ଛଟେଇ କଲେ ଡୋନାଲ୍ଡ ଟ୍ରମ୍ପ

**ୱାଶିଂଟନ, ୨୫।୨ (ଏଜେନ୍ସି):** ଆମେରିକାରେ ଡୋନାଲ୍ଡ ଟ୍ରମ୍ପ ସରକାରର ବଡ଼ ନିଷ୍ପତ୍ତି । ୟୁଏସ୍ ଏଜେନ୍ସି ଫର ଇଣ୍ଟନେସନାଲ ଡେଭଲପମେଣ୍ଟ ବା ୟୁଏସଏଆଇଡିର ୨ ହଜାର କର୍ମଚାରୀଙ୍କୁ ଛଟେଇ କରିଛନ୍ତି । ଏଥିସହ ବିଜ୍ଞପ୍ତି ଜାରି କରି ହଜାର ହଜାର ଲୋକଙ୍କୁ ଛୁଟିରେ ପଠାଯାଇଛି । ସରକାରଙ୍କ ଏହି ଯୋଜନା ଉପରେ ଅସ୍ଥାୟୀ ଭାବେ ରୋକ୍ ଲଗାଇବାକୁ ୟୁ.ଏସ.ଏ.ଆଇ.ଡି କର୍ମଚାରୀ କୋର୍ଟରେ ଆବେଦନ କରିଥିଲେ । କିନ୍ତୁ ଏହି ଆବେଦନକୁ ୟୁଏସ୍ ଡିଷ୍ଟ୍ରିକ୍ଟ ବିଚାରପତି କାର୍ଲ ନିକୋଲାସ୍ ଖାରଜ କରିଛନ୍ତି । କର୍ମଚାରୀଙ୍କୁ ଦିଆଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ, ଫେବୃଆରୀ ୨୩ ରାତି ୧୧ଟା ୫୯ରୁ ୟୁ.ଏସ.ଏ.ଆଇ.ଡିର ସମସ୍ତ କର୍ମଚାରୀଙ୍କୁ ପ୍ରଶାସନିକ ଛୁଟିରେ ରଖାଯିବ ।

## ୨୦୦ ମିଶାଇଲ ମାଡ଼ରେ ଛାରଖାର ୟୁକ୍ରେନ

**ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି):** ଋଷ-ୟୁକ୍ରେନ ଯୁଦ୍ଧର ତୃତୀୟ ବର୍ଷ ପୁରିବା ଅବସରରେ ପୁଣି ବଡ଼ ଆକ୍ରମଣ କରିଛି ଋଷ । ୟୁକ୍ରେନର ରାଜଧାନୀ କିବ୍ ସମେତ ୧୩ଟି ସହରରେ ଉପରେ ଭୟାନକ ଡ୍ରୋନ୍ ଆକ୍ରମଣ କରିଛି ପୁଟିନ ସେନା । ରବିବାର ରାତିରେ ଋଷ ୨୦୦ରୁ ଅଧିକ ଡ୍ରୋନ ଆକ୍ରମଣ କରିଥିବା ନେଇ ୟୁକ୍ରେନ ରାଷ୍ଟ୍ରପତି ଭୋଲଦାମିର ଜେଲେନସ୍କି ।୨୦୨୨ ଫେବୃଆରି ୨୪ ତାରିଖରେ ୟୁକ୍ରେନ ଉପରେ ପ୍ରଥମେ ଆକ୍ରମଣ କରିଥିଲା ଋଷ ସେନା । ଏହା ପରଠୁ ରବିବାର ସବୁଠାରୁ ବଡ଼ ଡ୍ରୋନ୍ ଆକ୍ରମଣ କରିଛି ଋଷ । ୟୁକ୍ରେନର ଖାର୍କିଭ, ପୋଲଟାଭା, ସୁମି, କିବ୍, ଚେର୍ନିହିଭ, ମାଇକୋଲିଭ ଓ ଓଡେସା ସମେତ ୧୩ଟି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି । ବିଶେଷ କରି ଭିତ୍ତିଭୂମିକୁ ଟାର୍ଗେଟ୍ କରି ଏହି ଆକ୍ରମଣ କରାଯାଇଥିବା ଜଣାପଡ଼ିଛି । ୟୁକ୍ରେନ ବାୟୁସେନା ମୁଖପାତ୍ର ୟୁରି ଇଗ୍ନାଟ୍ କହିଛନ୍ତି ଯେ ସମନ୍ୱିତ ଆକ୍ରମଣରେ ୨୬୭ଟି ରୁଷୀୟ ଡ୍ରୋନ୍ ଉତ୍କ୍ଷେପଣ କରାଯାଇଥିଲା । ଶତାଧିକ ଡ୍ରୋନକୁ ଅଟକାଯାଇଥିବା ବେଳେ ଅନ୍ୟ ଡ୍ରୋନଗୁଡ଼ିକ ଯୋଗୁଁ କ୍ଷୟକ୍ଷତି ହୋଇଛି । ରୁଷ୍ ମଧ୍ୟ ୩ଟି ବ୍ୟାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରକ୍ଷେପଣ କରିଥିବାରୁ ୟୁକ୍ରେନର ୫ଟି ଅଞ୍ଚଳରେ ବ୍ୟାପକ ଧ୍ୱଂସଲୀଳା ଦେଖିବାକୁ ମିଳିଛି । ମୃତାହତଙ୍କ ସଂପର୍କରେ ୟୁକ୍ରେନ କୌଣସି ତଥ୍ୟ ଜାରି କରିନାହିଁ । ମସ୍କୋ ଏବେ ୟୁକ୍ରେନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥାଗୁଡ଼ିକୁ ଧ୍ୱଂସ କରିବା ପାଇଁ ଅହରହ ପ୍ରୟାସ କରୁଛି ।

## ମହାକୁମ୍ଭ ଦଳାଚକଟା ମାମଲା

## ଜନସ୍ୱାର୍ଥ ମାମଲାର ସମାଧାନ କଲେ ଆହ୍ଲାବାଦ ହାଇକୋର୍ଟ

**ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି):** ପ୍ରୟାଗରାଜ ମହାକୁମ୍ଭରେ ଜାନୁଆରୀ ୨୯ ମୌନୀ ଅମାବାସ୍ୟାରେ ହୋଇଥିବା ଦଳାଚକଟା ମାମଲାରେ ଉତ୍ତର ପ୍ରଦେଶର ଯୋଗୀ ସରକାରଙ୍କୁ ଆହ୍ଲାବାଦ ହାଇକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି । ଦଳାଚକଟା ଘଟଣା ସମ୍ପର୍କରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲାର ସମାଧାନ କରିଛନ୍ତି ଆହ୍ଲାବାଦ ହାଇକୋର୍ଟ । ସୋମବାର ଆହ୍ଲାବାଦ ହାଇକୋର୍ଟରେ ହୋଇଥିବା ଶୁଣାଣିରେ, ୟୁପି ସରକାର ସୂଚନା ଦେଇଛନ୍ତି ଯେ, ନ୍ୟାୟିକ କମିଶନଙ୍କ ତଦନ୍ତ ପରିସରକୁ ବିସ୍ତାର କରାଯାଇଛି । ପିଆଇଏଲ ବା ଜନସ୍ୱାର୍ଥ ମାମଲାରେ ଦାବି କରାଯାଇଥିବା ପଏଣ୍ଟ ଗୁଡ଼ିକୁ ମଧ୍ୟ ତଦନ୍ତରେ ସାମିଲ କରାଯାଇଛି । ତଦନ୍ତ ପାଇଁ ନ୍ୟାୟିକ କମିଶନଙ୍କୁ ମଧ୍ୟ ଗୋଟିଏ ମାସ ଅତିରିକ୍ତ ସମୟ ଦିଆଯାଇଛି । ଏହି ଆଧାରରେ ଆହ୍ଲାବାଦ ହାଇକୋର୍ଟ ପିଆଇଏଲର ସମାଧାନ କରିଛନ୍ତି । ଆହ୍ଲାବାଦ ହାଇକୋର୍ଟ ବାର ଆସୋସିଏସନର ପୂର୍ବତନ ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ପାଣ୍ଡେ ଏହି ଜନହିତକର ଆବେଦନ ଦାଖଲ କରିଥିଲେ । ମୁଖ୍ୟ ବିଚାରପତି ଅରୁଣ ଭସାଲି ଏବଂ ବିଚାରପତି କ୍ଷିତିଜ ଶୈଳେନ୍ଦ୍ରଙ୍କ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଛି । କୋର୍ଟ କହିଛନ୍ତି ଯେ, ଆବେଦନକାରୀ ନ୍ୟାୟିକ କମିଶନଙ୍କ ସମ୍ମୁଖରେ ତାଙ୍କର ମତାମତ ଉପସ୍ଥାପନ କରିପାରିବେ । ଯଦି ନ୍ୟାୟିକ



କମିଶନଙ୍କ ରିପୋର୍ଟରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ପୁଣି ଥରେ କୋର୍ଟକୁ ଆସିପାରିବେ । ଗତ ଶୁଣାଣିରେ ଆହ୍ଲାବାଦ ହାଇକୋର୍ଟ ୟୁପି ସରକାରଙ୍କ ଠାରୁ ସୂଚନା ମାଗିଥିଲେ । କୋର୍ଟ ୟୁପି ସରକାରଙ୍କୁ ପଚାରିଥିଲେ ଯେ ନ୍ୟାୟିକ କମିଶନଙ୍କ ତଦନ୍ତ ପରିସରକୁ ବିସ୍ତାର କରାଯାଇପାରିବ କି ?ଏଥିରେ ମୃତକଙ୍କ ସଂଖ୍ୟା ଚିହ୍ନଟ କରିବା ଏବଂ ଦଳାଚକଟା ସହିତ ଜଡିତ ଅନ୍ୟାନ୍ୟ ଅଭିଯୋଗ ଗୁଡ଼ିକର ତଦନ୍ତ କରିବା ଅନ୍ତର୍ଭୁକ୍ତ ହୋଇପାରେ କିମ୍ବା ନ ହୋଇପାରେ । ନ୍ୟାୟିକ ତଦାରଖରେ ତଦନ୍ତ କରାଯିବା ଏବଂ ଘଟଣା ପରେ ନିଖୋଜ ହୋଇଥିବା ଲୋକଙ୍କ ସଠିକ୍ ବିବରଣୀ ପ୍ରଦାନ କରାଯିବା ପାଇଁ ଏକ ଜନହିତକର ଆବେଦନ ଦାୟର କରାଯାଇଥିଲା । କୋର୍ଟ କହିଥିଲେ ଯେ ଏପର୍ଯ୍ୟନ୍ତ କମିଶନଙ୍କ ନିର୍ଦ୍ଦେଶରେ ଦଳାଚକଟାର ଅନ୍ୟାନ୍ୟ ପ୍ରାସଙ୍ଗିକ ବିବରଣୀର ତଦନ୍ତ ଅନ୍ତର୍ଭୁକ୍ତ ନୁହେଁ । ପିଆଇଏଲରେ ନିଖୋଜ ଲୋକଙ୍କୁ ଠାବ କରିବା, ଦଳାଚକଟାରେ ପୀଡିତଙ୍କ ସଠିକ୍ ଗଣନା, ଏକ ତଦାରଖ କମିଟି ଗଠନ ଇତ୍ୟାଦି ଅନେକ ଦାବି କରାଯାଇଥିଲା ।

## କଂଗ୍ରେସର ଅଡୁଆ ବଢାଇଲା ଥରୁରଙ୍କ ବୟାନ

**ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି):** କଂଗ୍ରେସର ବରିଷ୍ଠ ନେତା ତଥା ସାଂସଦ ଶଶୀ ଥରୁରଙ୍କ ପାଇଁ ଖୋଲିବକି ବିଜେପି ଦ୍ୱାର ? କଂଗ୍ରେସ ଛାଡି ବିଜେପିରେ ସାମିଲ ହେବେ କି ଥରୁର । ଏହି ପ୍ରଶ୍ନ ସେତେବେଳେ ଉଠୁଛି ଯେତେବେଳେ ଶଶୀ ଥରୁର ନିଜକୁ କେରଳର ମୁଖ୍ୟମନ୍ତ୍ରୀ ପାର୍ଥୀ ବୋଲି ଘୋଷଣା କରିଛନ୍ତି । କେରଳରେ ଆସନ୍ତା ବର୍ଷ ବା ୨୦୨୬ ଏପ୍ରିଲ୍ ମାସରେ ବିଧାନସଭା ନିର୍ବାଚନ ହେବାକୁ ଅଛି । ଏହାରି ଭିତରେ କିନ୍ତୁ କେରଳରେ କଂଗ୍ରେସର ଅନ୍ତଃ କନ୍ଦଳ ପଦାରେ ପଡିଛି । ନିଜକୁ କେରଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ସାଂସଦ ।



କେରଳରେ ବାମପନ୍ଥୀ ସରକାରକୁ ପ୍ରଶଂସା କରିବା ନେଇ ସୃଷ୍ଟି ହୋଇଥିବା ବିବାଦ ଚାଲିଛି । ଏହାରି ମଧ୍ୟରେ ଥରୁର୍ ଆଜି କଂଗ୍ରେସକୁ ସମାଲୋଚନା କରି କହିଛନ୍ତି ଯେ କେରଳର କଂଗ୍ରେସରେ ଜଣେ ନେତାଙ୍କ ଅନୁପସ୍ଥିତି ରହିଛି । ଦଳ ଏହାକୁ ହୃଦୟଙ୍ଗମ କରୁନାହିଁ । ଯଦି କଂଗ୍ରେସ ଦଳ ମୋତେ ଆବଶ୍ୟକ କରୁନାହିଁ ତା'ହେଲେ ମୋ ପାଖରେ ଅନ୍ୟ ବିକଳ୍ପ ରହିଛି । କେରଳରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ନିଜର ଦାବିକୁ ଦୋହରାଇ ଥରୁର୍ କହିଛନ୍ତି, ଜନମତ ସର୍ବେକ୍ଷଣରୁ ଜଣାପଡିଛି ଯେ ସେ କେରଳରେ ନେତୃତ୍ୱ କ୍ଷେତ୍ରରେ ଅନ୍ୟମାନଙ୍କ ଠାରୁ ଆଗରେ ଅଛନ୍ତି । ଯଦି ଦଳ ମୋର ଲୋକପ୍ରିୟତାକୁ ବ୍ୟବହାର କରିବାକୁ ଚାହୁଁଛି, ତେବେ ମୁଁ ଦଳ ପାଇଁ ରହିବି । ଯଦି ନୁହେଁ, ତା'ହେଲେ ମୋର ନିଜର କିଛି ପଦକ୍ଷେପ ନେବାର ଅଛି । ମୋର ସଂସଦୀୟ କ୍ଷେତ୍ରରେ କଂଗ୍ରେସକୁ ଚାହୁଁନଥିବା ଲୋକେ ମଧ୍ୟ ମୋତେ ଭୋଟ୍ ଦେଇ ନିର୍ବାଚିତ କରିଛନ୍ତି ବୋଲି ଥରୁର୍ କହିଛନ୍ତି । ତାଙ୍କ ଏଭଳି ବୟାନ ଦଳରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ କେରଳ କଂଗ୍ରେସର ଅଡୁଆ ବିଯାଇଛି । ଥରୁରଙ୍କ ଏହି ବୟାନ ସ୍ପଷ୍ଟ କରୁଛି କଂଗ୍ରେସ ଧଳରେ ତାଙ୍କୁ ଗୁରୁତ୍ୱ ଦିଆଯାଉନାହିଁ ।

## ଫ୍ରାନ୍ସରେ ଥିବା ରୁଷୀୟ ଦୂତାବାସରେ ବିସ୍ଫୋରଣ

**ପ୍ୟାରିସ୍, ୨୫।୨ (ଏଜେନ୍ସି):** ଫ୍ରାନ୍ସର ମାର୍ସେଲିସ୍ଥିତ ରୁଷୀୟ ଦୂତାବାସରେ ସୋମବାର ଏକ ବିସ୍ଫୋରଣ ଘଟିଛି । ଏ ସଂକ୍ରାନ୍ତରେ ରୁଷ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି ଯେ ଏହା ଏକ ଆତଙ୍କବାଦୀ ଆକ୍ରମଣ ବୋଲି ଜଣାପଡୁଛି । ପ୍ରାୟ ୩୦ ଜଣ ଅଗ୍ନିଶମ କର୍ମଚାରୀ ବିସ୍ଫୋରଣ ସ୍ଥଳରେ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟରେ ଲାଗିଛନ୍ତି । ତେବେ ଫ୍ରାନ୍ସର ବିଏଫଏମଟିଭିକୁ ଉଦ୍ଧାର କରି ରୁଷୀୟ ନ୍ୟୁଜ୍ ଏଜେନ୍ସି 'ଟାସ୍' ରିପୋର୍ଟ କରିଛି ଯେ ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି । 'ଟାସ୍' ଏକ ପତ୍ରିକାକୁ ଉଦାହରଣ ଦେଇ କହିଛି ଯେ, ଅଜଣା ବ୍ୟକ୍ତିମାନେ ଦୂତାବାସର ବଗିଚାରେ ଦୁଇଟି ପେଟ୍ରୋଲ ବୋମା ଫିଙ୍ଗିଥିଲେ । ଘଟଣାସ୍ଥଳ ନିକଟରୁ ଏକ ଚୋରି କାର୍ ମଧ୍ୟ ମିଳିଛି । ତେବେ ଫ୍ରାନ୍ସର ବିଏଫଏମଟିଭିକୁ ଉଦ୍ଧାର କରି ରୁଷୀୟ ନ୍ୟୁଜ୍ ଏଜେନ୍ସି 'ଟାସ୍' ରିପୋର୍ଟ କରିଛି ଯେ ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି । 'ଟାସ୍' ଏକ ପତ୍ରିକାକୁ ଉଦାହରଣ ଦେଇ କହିଛି ଯେ, ଅଜଣା ବ୍ୟକ୍ତିମାନେ ଦୂତାବାସର ବଗିଚାରେ ଦୁଇଟି ପେଟ୍ରୋଲ ବୋମା ଫିଙ୍ଗିଥିଲେ । ଘଟଣାସ୍ଥଳ ନିକଟରୁ ଏକ ଚୋରି କାର୍ ମଧ୍ୟ ମିଳିଛି । ଜାଖାରୋଭା କହିଛନ୍ତି ଯେ ରୁଷିଆ ଏହି ଘଟଣାର ତୁରନ୍ତ ଏବଂ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଦାବି କରୁଛି ଏବଂ ରୁଷୀୟ ସୁବିଧାଗୁଡ଼ିକର ନିରାପତ୍ତା ବୃଦ୍ଧି ପାଇଁ ପଦକ୍ଷେପ ନେବାକୁ ଦାବି କରୁଛି । ମାର୍ସେଲିସ୍ଥିତ ରୁଷୀୟ ଦୂତାବାସରେ ହୋଇଥିବା ବିସ୍ଫୋରଣରେ ଆତଙ୍କବାଦୀ ଆକ୍ରମଣର ସମସ୍ତ ସଙ୍କେତ ରହିଛି ବୋଲି ସେ କହିଛନ୍ତି । ଆମେ ଦାବି କରୁଛୁ ଯେ ଫ୍ରାନ୍ସ ଏହି ଘଟଣାର ତୁରନ୍ତ ଏବଂ ଗଭୀର ତଦନ୍ତ କରନ୍ତୁ ଏବଂ ବିଦେଶରେ ଥିବା ରୁଷୀୟ ସୁବିଧାଗୁଡ଼ିକର ନିରାପତ୍ତା ବୃଦ୍ଧି ପାଇଁ ପଦକ୍ଷେପ ନିଅନ୍ତୁ ।

## ମହାକୁମ୍ଭକୁ ନେଇ ଲାଲୁ ଯାଦବଙ୍କୁ ଟାର୍ଗେଟ କଲେ ମୋଦୀ

**ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ଭାଗଲପୁରରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୧୯ତମ କିସ୍ତି ଜାରି କରିଥିଲେ ଏବଂ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦଘାଟନ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ନିଜର ପ୍ରିୟ ବୋଲି କହିଥିଲେ । କେବଳ ଏତିକି ନୁହେଁ, ପ୍ରଧାନମନ୍ତ୍ରୀ ମୋଦୀ ପ୍ରୟାଗରାଜ ମହାକୁମ୍ଭକୁ ନେଇ ଲାଲୁ ଯାଦବଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ମହାକୁମ୍ଭ ମହୋତ୍ସବ ବିଷୟରେ କହିଥିଲେ ଯେ ମହାକୁମ୍ଭ ଚାଲିଛି କିନ୍ତୁ ଏହି ଜଙ୍ଗଲ ରାଜର ଲୋକମାନେ ମହାକୁମ୍ଭକୁ ଗାଳି କରୁଛନ୍ତି, ରାମ ମନ୍ଦିର ପ୍ରତି ବିରକ୍ତ ଲୋକମାନେ ମହାକୁମ୍ଭକୁ ଗାଳି ଦେବାର କୌଣସି ସୁଯୋଗ ଛାଡୁନାହାଁନ୍ତି । ମହାକୁମ୍ଭକୁ ଗାଳି କରୁଥିବା ଲୋକଙ୍କୁ ବିହାର କେବେ କ୍ଷମା କରିବ ନାହିଁ । ଉଲ୍ଲେଖ ଥାଉ କି ଯେ କିଛି ଦିନ ପୂର୍ବରୁ ଲାଲୁ ଯାଦବ କୁମ୍ଭମେଳାକୁ ନେଇ କହିଥିଲେ, କୁମ୍ଭର ଅର୍ଥ



କ'ଣ, କୁମ୍ଭ ବେକାର । ଭାଗଲପୁରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ମୁଁ ଲାଲକିଲ୍ଲାରୁ କହିଛି ଯେ ବିକଶିତ ଭାରତରେ ଚାରୋଟି ମଜବୁତ ସ୍ତମ୍ଭ ଅଛି । ଏହି ସ୍ତମ୍ଭଗୁଡ଼ିକ ହେଉଛି – ଗରିବ, ଚାଷୀ, ମହିଳା ଏବଂ ଯୁବକୟ ଏନଡିଏ ସରକାର, ତାହା କେନ୍ଦ୍ରରେ ହେଉ କିମ୍ବା ରାଜ୍ୟରେ, କୃଷକ କଲ୍ୟାଣ ଆମର ପ୍ରାଥମିକତା । ଲାଲୁ ଯାଦବଙ୍କୁ କଟାକ୍ଷ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ପୂର୍ବରୁ ଚାଷୀମାନେ ସଙ୍କଟରେ ଘେରି ରହିଥିଲେ, ଯେଉଁମାନେ ପଶୁ ଚାରା ଖାଇପାରନ୍ତି ସେମାନେ କେବେ ଏହି ପରିସ୍ଥିତିକୁ ବଦଳାଇ ପାରିବେ ନାହିଁ । ଏନଡିଏ ସରକାର ଏହି ପରିସ୍ଥିତିକୁ ବଦଳାଇ ଦେଇଛନ୍ତି । ବିଗତ ବର୍ଷଗୁଡ଼ିକରେ, ଆମେ ଚାଷୀମାନଙ୍କୁ ଶହ ଶହ ଆଧୁନିକ ପ୍ରକାରର ବିହନ ଦେଇଛୁ । ପୂର୍ବରୁ, ଚାଷୀମାନେ ୟୁରିଆ ପାଇଁ ଲାଠିମାଡ଼ ଖାଇଥିଲେ ଏବଂ ୟୁରିଆର କଳାବଜାରୀ ହେଉଥିଲା । ଆଜି ଚାଷୀମାନେ ପର୍ଯ୍ୟାପ୍ତ ସାର ପାଉଛନ୍ତି ।

## କୋଟାକର 'ହୈସଲା ହାଏ ତୋହ ହୋ ଯାଏଗା' ଅଭିଯାନ

**ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି):** କୋଟାକ ମହିନ୍ଦ୍ରା ବ୍ୟାଙ୍କ ("କେଏମବିଏଲ"/"କୋଟାକ୍") ଆଜି 'ହୈସଲା ହାଏ ତୋ ହୋ ଯାଏଗା' ଉପସ୍ଥାପନ କରିଛି – ଏକ ପରିବର୍ତନ ବ୍ରାଣ୍ଡ ଦର୍ଶନର ନୂତନ ଗୋଷ୍ଠୀ ଯାହାକି କୋଟାକ ପାଇଁ ଏକ ପ୍ରମୁଖ ଗତିଶୀଳତାକୁ ଚିହ୍ନଟ କରିପାରିବ । ଏହି ଶକ୍ତିଶାଳୀ ନୂତନ ବ୍ରାଣ୍ଡର ଦର୍ଶନ କୋଟାକ୍‌ର ବଚନବଦ୍ଧତାକୁ କେବଳ ଏକ ବ୍ୟାଙ୍କ ଭାବରେ ସଶକ୍ତ କରିବା ନୁହେଁ, ଏହା ଆକାଂକ୍ଷିତ ଭାରତୀୟ ମାନଙ୍କ ପାଇଁ ନିଜକୁ ନିଜେ ଏକ ଗତିଶୀଳ ଆର୍ଥିକ ସେବା ସଂଗଠନ ଭାବରେ ପ୍ରତିଷ୍ଠା କରିପାରିଛି । ଜୀବନରେ ଏଭଳି ଏକ ଦର୍ଶନକୁ ଆଣିବା ପାଇଁ, କୋଟାକ ଏକ ଉଚ୍ଚ-ପ୍ରଭାବଶାଳୀ ବିବିଧ- ମାର୍କେଟିଙ୍ଗର ଅଭିଯାନକୁ ଆଗକୁ ବଢ଼ାଇବା ସହିତ, ଦୂରଦର୍ଶନ, ଡ଼ିଜିଟାଲ ମଂଚ, ପ୍ରିଂଟ ମିଡ଼ିଆ, ବାହାର ତଥା ସାମାଜିକ ମିଡ଼ିଆକୁ ବାନ୍ଧି ଧରି ରଖିବା ସହିତ ଏହାର ଲକ୍ଷ୍ୟ ଭାରତୀୟ ମାନଙ୍କୁ ଏଥିପ୍ରତି ଅନୁପ୍ରେରୀତ କରିବା ସହିତ ସେମାନଙ୍କ ଆଶା ପୂରଣ କରିବା ଦିଗରେ ବଡ଼ ପଦକ୍ଷେପ ନେବା । ଅଭିଯାନକୁ ଶୁଭାରମ୍ଭ କରି ଏହି ଅବସରରେ ରୋହିତ ଭାସିନ, ସଭାପତି – ହେଡ୍ ଆଫ୍ଲୁଏଟ, ଏନଆରଇ, ବିଜିନେଓ ବ୍ୟାଙ୍କିଙ୍ଗ ଏବଂ ଚିଫ ମାର୍କେଟିଙ୍ଗ ଅଫିସର, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ନିଜର ମତବ୍ୟକ୍ତ କରି କହିଛନ୍ତି, "'ହୈସଲା ହାଏ ତୋ ହୋ ଯାଏଗା' ଏହା ବ୍ରାଣ୍ଡର ଦର୍ଶନଠାରୁ ବହୁ ଅଧିକ ଅଟେ ଯାହାକି କୋଟାକର ଏଭଳି ଏକ ବିରାଟ ଆନ୍ଦୋଳନ ପାଇଁ ପ୍ରଥମ ପଦକ୍ଷେପ ଅଟେ ।

## ପ୍ରୋଟିଆନ୍ ଆପ୍ ଦ୍ୱାରା ଏନ୍ ପିଏସ୍ ଅପଗ୍ରେଡ୍

**ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି):** ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକଚରରେ ଟେକ୍ନୋଲୋଜି ଅଗ୍ରଣୀ ପ୍ରୋଟିଆନ୍ ଇ-ଗଭ ଟେକ୍ନୋଲୋଜି (ପୂର୍ବରୁ ଏନଏସଡିଏଲ ଇ-ଗଭ) ଏବଂ ନ୍ୟାସନାଲ ପେନସନ ସିଷ୍ଟମ (ଏନପିଏସ) ଏବଂ ଅଟଳ ପେନସନ ଯୋଜନା (ଏପିୱାଇ) ପାଇଁ ଭାରତର ସର୍ବବୃହତ ସେଟ୍ରାଲ ରେକର୍ଡକିପିଂ ଏଜେନ୍ସି (ସିଆରଏ) ସେମାନଙ୍କର ପେନସନ ପରିଚାଳନା ଆପ୍ 'ଏନପିଏସ୍ ବାଇ ପ୍ରୋଟିଆନ୍'କୁ ଆଜିର ଡିଜିଟାଲ୍ ଜ୍ଞାନକୌଶଳ ପିଢ଼ି ପାଇଁ ବିଶେଷ ଭାବରେ ଡିଜାଇନ୍ କରାଯାଇଥିବା ଅନେକ ନୂତନ ବୈଶିଷ୍ଟ୍ୟ ସହିତ ବୃଦ୍ଧି କରିଛି । 'ଏନପିଏସ ବାଇ ପ୍ରୋଟିଆନ' ଆପ୍ ପେନସନ ପରିଚାଳନାରେ ଏକ ବଡ଼ ଅଗ୍ରଗତିର ପ୍ରତିନିଧିତ୍ୱ କରୁଛି, ଯାହା ଭାରତୀୟମାନଙ୍କୁ, ବିଶେଷକରି ଯୁବ ନିବେଶକମାନଙ୍କୁ ସେମାନଙ୍କ ଅବସର ସଂଚୟର ଦାୟିତ୍ୱ ନେବାକୁ ଏବଂ ସହଜରେ ଜାତୀୟ ପେନସନ ବ୍ୟବସ୍ଥାରେ ଅଂଶଗ୍ରହଣ କରିବାକୁ ସଶକ୍ତ କରୁଛି । ଏହି ଅବସରରେ ପ୍ରୋଟିଆନ୍ ଇ-ଗଭ ଟେକ୍ନୋଲୋଜିର ଏମ୍ ଡି ତଥା ସିଇଓ ସୁରେଶ ସେଠୀ କହିଛନ୍ତି, "ଉଦ୍ଭାବନ ମାଧ୍ୟମରେ ଜନସଂଖ୍ୟା ଭିତ୍ତିକ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୋଟିଆନ୍ ପ୍ରତିଶ୍ରୁତିବଦ୍ଧ । ୨୦୨୪-୨୫ ଆର୍ଥିକ ବଜେଟରେ ଦେଶରେ ପେନସନ ପହଚାଇବାରେ ସରକାରଙ୍କ ଦୃଢ଼ ଉଦ୍ଦେଶ୍ୟକୁ ଦର୍ଶାଯାଇଛି । ଏନପିଏସ ଏବଂ ଏପିୱାଇ ପାଇଁ ଅଗ୍ରଣୀ କେନ୍ଦ୍ରୀୟ ରେକର୍ଡକିପିଂ ଏଜେନ୍ସି (ସିଆରଏ) ଭାବରେ, ଆମେ ଏହାକୁ ବଜାର ସମ୍ପ୍ରସାରଣ ପାଇଁ ଏକ ବିରାଟ ସୁଯୋଗ ଭାବରେ ଦେଖୁଛୁ ।

## କାଇନେଟିକ୍ ନୂତନ ଟିଭିସିର ଉନ୍ମୋଚିତ

**ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି):** କାଇନେଟିକ୍ ଗ୍ରୀନ ଏନର୍ଜି ଏବଂ ପାୱାର ସଲ୍ୟୁସନ ଲିମିଟେଡ଼, ଯାହାକି ଭାରତର ପ୍ରମୁଖ ପ୍ରିମିୟର ବୈଦ୍ୟୁତିକ ଦୁଇଚକିଆ ଯାନ (ଇଟୁଡ଼ବ୍ଲୁ) ଏବଂ ବୈଦ୍ୟୁତିକ ତିନିଚକିଆ ଯାନ (ଇଥ୍ରିଡ଼ବ୍ଲୁ) ର ନିର୍ମାଣକାରୀ ପ୍ରତିଷ୍ଠାନ, ଇ-ଲୁନା ଉପରେ ଏକ ଟେଲିଭିଜନ ଅଭିଯାନର ଅନାବରଣ କରିଛି । ରହି ଆସିଥିବା ସେହି ଲୋକପ୍ରିୟ ସମୟାନୁକ୍ରମିକ ଧାରାରେ ପ୍ରଚଳିତ 'ଚଲ ମେରି ଲୁନା' ଟ୍ୟାଗ ଲାଇନକୁ ନେଇ ଏହି ଅଭିଯାନ ଏକ ସତେଜ ରୋଜଗାରକ୍ଷମ ଗତିଶୀଳ ବ୍ୟବସ୍ଥାକୁ ଆଣିବା ସହିତ ବ୍ରାଣ୍ଡର ବଚନବଦ୍ଧତାକୁ ପୁନର୍ବାର ସକ୍ରିୟ କରିବା ସହିତ ନବୀକରଣ ତଥା ବ୍ୟକ୍ତିଗତ ଗମନାଗମନ ଉପରେ ଅଧିକ ଦୃଷ୍ଟି ଦେଇଛି । ସର୍ବାଦୃତ, ବ୍ୟବହାରିକ, ଇନ୍ଧନ ସଂଚୟକାରୀ ଦୁଇଚକିଆ ଯାନ ଭାବରେ ଭାରତୀୟ ମାନଙ୍କ ପାଇଁ ଏହାର ପୂର୍ବ ପିଢ଼ୀରୁ ରହି ଆସୁଥିବା ସେହି ପରମ୍ପରାକୁ ନେଇ ଏକ ବାଧାହୀନ ବ୍ୟକ୍ତିଗତ ପରିବହନକାରୀ ଭାବରେ ଏହି ଇ-ଲୁନାରେ ସମାନ ଗୁଣର ମିଳନ ହୋଇଥିବା ବେଳେ ବର୍ତମାନ ଏହା ଏକ ଆଧୁନିକ ଉଚ୍ଚସ୍ତରର ବୈଦ୍ୟୁତିକ କ୍ଷମତାକୁ ନେଇ ପରିଚାଳିତ ହେଉଅଛି । ଭାରତର ଗ୍ରାମାଂଚଳ ତଥା ସହରାଂଚଳରେ ବଢ଼ି ଚାଲିଥିବା ଆବଶ୍ୟକତାକୁ ନେଇ ଏହି ଇ-ଲୁନା ଏକ ସମ୍ପୂର୍ଣ୍ଣ-ବୈଦ୍ୟୁତିକ ଦୁଇଚକିଆ ଯାନ ସହିତ ଇକୋ-ଫ୍ରେଣ୍ଡଲି, ସ୍ଥାୟିତ୍ୱ ଏବଂ ଗୁରୁତ୍ୱପୂର୍ଣ୍ଣ କମ୍ ଖର୍ଚ୍ଚ ଚଳମାନତାର ଉପାୟ ପ୍ରଦାନ କରୁଅଛି । ଇ-ଲୁନା ଏକ ବୈଦ୍ୟୁତିକ ଦୁଇଚକିଆ ଯାନ ଏହାକୁ ପ୍ରତିପାଦନ କରିବାକୁ ଯାଇଏହି ଅଭିଯାନ ଯେଉଁ ସବୁ ବିଷୟ ଉପରେ ଆଲୋକପାତ କରିଛି ସେ ମଧ୍ୟରେ ରହିଛି – ଏହାର ଗୋଟିଏ ଥର ବ୍ୟାଟେରୀ ଚାର୍ଜରେ ଦୀର୍ଘ ଦୂରତା ପର୍ଯ୍ୟନ୍ତ ଚାଲିପାରୁଥିବା ଆକର୍ଷଣ, ଏକ ଦୈନନ୍ଦିନ ଯାତାୟାତକାରୀ ସମାଧାନର ପାରଦର୍ଶିତା, ଏକ ବିରାଟ ମାଲ-ବହନକାରୀ ବୈଦ୍ୟୁତିକ କ୍ଷମତାଯୁକ୍ତ ଯାନ ଯାହାକି ଭାରତୀୟ ସଡ଼କର ତଥା ସଡ଼କର ବିଭିନ୍ନ ଅବସ୍ଥାକୁ ନେଇ ଏକ ଆଦର୍ଶ ଯାନ ଭାବରେ ପ୍ରତିଷ୍ଠା ଅର୍ଜନ କରିପାରିଛି । ଅଭିଯାନ ଏହାର ପରିବେଶ ସୁରକ୍ଷିତ ଦିଗର ଉପକାରୀତାକୁ ମଧ୍ୟ ଦୃଷ୍ଟିରେ ରଖି ଏକ ବୈଦ୍ୟୁତିକ ଯାନ (ଇଭି)ର ଏଭଳି ଏକ ରୂପ ଦେବା ସହିତ ଇ-ଲୁନାର ଅବସ୍ଥିତିକୁ ସ୍ମାର୍ଟ ତଥା ପାରଦର୍ଶିତା ସମାଧାନ ଯୋଗ୍ୟ କରିବା ସହିତ ଉଭୟ ଗ୍ରାମାଂଚଳ ତଥା ସହରାଂଚଳର ଗତିଶୀଳନର ଆବଶ୍ୟକତାକୁ ପୂରଣ କରିପାରିଛି ।

## ପ୍ରବାସୀ ଆଇନରେ ପରିବର୍ତ୍ତନ ଆଣିଲା କାନାଡା

**ନୂଆଦିଲ୍ଲୀ, ୨୫।୨ (ଏଜେନ୍ସି):** କାନାଡା ନିଜ ପ୍ରବାସୀ ଆଇନରେ ଏକ ବିରାଟ ପରିବର୍ତ୍ତନ କରିଛି । ତେବେ ନୂଆକରି ଆରମ୍ଭ ହୋଇଥିବା ପ୍ରବାସୀ ଓ ଶରଣାର୍ଥୀ ସୁରକ୍ଷା ଅଧିନିୟମ ଗତ ଜାନୁଆରୀ ୩୧ ତାରିଖରୁ ଲାଗୁ ହୋଇସାରିଲାଣି । ଏହି ଅଧିନିୟମ ଅନୁସାରେ ସୀମା ଅଧିକାରୀମାନଙ୍କୁ ବିଭିନ୍ନ ଅସ୍ଥାୟୀ ବାସିନ୍ଦା ଦଲିଲ ଯଥା ଇଲୋକଟ୍ରୋନିକ ଟ୍ରାଭେଲ ଅଥୋରିଜେସନ(ଇଟିଏଏସ) ଓ ଅସ୍ଥାୟୀ ବାସିନ୍ଦା ଭିସା(ଟିଆରଭି)କୁ ରଦ୍ଦ କରିବାକୁ ସ୍ୱତନ୍ତ୍ର ଅଧିକାର ପ୍ରଦାନ କରାଯାଇଛି । ଏହି ନୂଆ ଅଧିନିୟମ ଲାକ୍ଷାଧିକ ବୈଦେଶିକ ନାଗରିକମାନଙ୍କ ଉପରେ ପ୍ରଭାବ ପକାଇବ । ଏମାନଙ୍କ ମଧ୍ୟରେ ସର୍ବାଧିକ ଭାରତୀୟମାନେ କ୍ଷତିଗ୍ରସ୍ତ ହେବେ ବୋଲି ଅନୁମାନ କରାଯାଉଛି । କାନାଡାରେ ରହୁଥିବା ଭାରତୀୟ ଛାତ୍ର, କର୍ମୀ ଓ ଅସ୍ଥାୟୀ ବାସିନ୍ଦାମାନେ ଏଥିରେ କ୍ଷତିଗ୍ରସ୍ତ ହେବେ । ବିଦେଶରେ ଉଚ୍ଚ ଶିକ୍ଷା ଗ୍ରହଣ କରିବାର ସ୍ୱପ୍ନ ଦେଖୁଥିବା ଭାରତୀୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କାନାଡାକୁ ସବୁଠାରୁ ଅଧିକ ପସନ୍ଦ କରାଯାଇଥାଏ । ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଅନୁସାରେ ଭାରତରୁ ପ୍ରାୟ ୪ ଲକ୍ଷ ୨୭ ହଜାରରୁ ଅଧିକ ଛାତ୍ରଛାତ୍ରୀ କାନାଡାରେ ପାଠ ପଢୁଛନ୍ତି । ଛାତ୍ରଛାତ୍ରୀଙ୍କ ଛଡା ପ୍ରତିବର୍ଷ ଲକ୍ଷ ଲକ୍ଷ ଭାରତୀୟ ଲୋକ କାନାଡା ଭ୍ରମଣ କରିବାକୁ ଯାଇଥାନ୍ତି । ରିପୋର୍ଟ ମୁତାବକ ୨୦୨୪ ମସିହାରେ ଜାନୁଆରୀ ମାସଠୁ ଜୁଲାଇ ମାସ ମଧ୍ୟରେ କାନାଡା ୩,୬୫,୭୫୦ ଲୋକଙ୍କୁ ଟୁରିଷ୍ଟ ଭିସା ପ୍ରଦାନ କରିଥିଲା । ତେବେ ୨୦୨୩ ମସିହା ସମାନ ସମୟସିମା ମଧ୍ୟରେ ମୋଟ୍ ୩,୪୫,୬୩୧ ଜଣଙ୍କୁ କାନାଡା ପକ୍ଷରୁ ଟୁରିଷ୍ଟ ଭିସା ପ୍ରଦାନ କରାଯାଇଥିଲା । ଖବର ମୁତାବକ, ଗତବର୍ଷ ନଭେମ୍ବର ମାସରେ କାନାଡା ପକ୍ଷରୁ ଷ୍ଟୁଡେଣ୍ଟ ଡାଇରେକ୍ଟ ଭିସା(ଏସଡିଏସ) ପ୍ରୋଗ୍ରାମକୁ ରଦ୍ଦ କରାଯାଇଥିଲା । ଭାରତୀୟ ଛାତ୍ରଛାତ୍ରୀମାନେ ମୁଖ୍ୟତଃ ଏହି ଭିସା ମାଧ୍ୟମରେ କାନାଡାକୁ ପାଠ ପଢିବାକୁ ଯାଉଥିଲେ ।

